# ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA

epaper.odishanishabda.com

ORORI/26/A4490



**ବିଶେଷ ସୂଚନା**

ଯଦି ଆପଣ ଖବରକାଗଜରେ କୌଣସି ଖବର କିମ୍ବା ବିଜ୍ଞାପନ ଦେବା ପାଇଁ ଚାହୁଁଛନ୍ତି ତେବେ ଦିଆଯାଇଥିବା **whatsapp** ନମ୍ବରରେ ପଠାଇପାରିବେ କିମ୍ବା ମେଲ୍ କରିପାରିବେ।

7735333804

odishanishabda@gmail.com



ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com

Vol–1 ■ Issue–17 ■ 22-28 October. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୧୭ ■ ୨୨-୨୮ ଅକ୍ଟୋବର ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ମୂଲ୍ୟ-୫.୦୦


## ଇଣ୍ଡିଆ କେମ୍ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ କେମିକାଲ ଓ ପେଟ୍ରୋକେମିକାଲ୍ସ ହବ୍

**ଭୁବନେଶ୍ୱର :** ଓଡ଼ିଶା ହେବ କେମିକାଲ ଓ ପେଟ୍ରୋକେମିକାଲ୍ସ ହବ୍। ରାଜ୍ୟକୁ ଛୁଟିବ ପୁଞ୍ଜିନିବେଶର ସୁଅ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆଗାମୀ ଦିନରେ ଓଡିଶା ଶିଳ୍ପ ନିବେଶର ନୂଆ ଗନ୍ତବ୍ୟସ୍ଥଳୀ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଅଧିକରୁ ଅଧିକ ପୁଞ୍ଜିନିବେଶ ଆଣିବାକୁ ପୁଣି ଆକ୍ସନ୍ ମୋଡରେ ରାଜ୍ୟ ସରକାର। ସେଥିପାଇଁ ମୁମ୍ବାଇ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହିତ ମୁମ୍ବାଇରେ ଆଜିଠାରୁ ଆରମ୍ଭ ହୋଇଥିବା 'ଇଣ୍ଡିଆ କେମ୍ ୨୦୨୬' ସମ୍ମିଳନୀରେ ଓଡ଼ିଶା ନିଜର ଶିଳ୍ପ ଦକ୍ଷତା, ବିଶାଳ ଭିତ୍ତିଭୂମି, ପ୍ରଗତିଶୀଳ ନୀତି ଏବଂ ନିବେଶ ସମ୍ଭାବନାକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିଛି। ଏହି ଦୁଇଦିନିଆ ଗସ୍ତର ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀ 'ଇଣ୍ଡିଆ କେମ୍ ୨୦୨୬'ର ଉଦ୍‌ଘାଟନୀ ସମାରୋହରେ ଯୋଗ ଦେବା ସହିତ ହାଇ-ପ୍ରୋଫାଇଲ୍ 'ସିଇଓ ରାଉଣ୍ଡଟେବୁଲ୍' ବୈଠକରେ ଯୋଗଦେଇଛନ୍ତି। ଇଣ୍ଡିଆ କେମ୍ ସମ୍ମିଳନୀରେ ଅଂଶଗ୍ରହଣ ମାଧ୍ୟମରେ, ଓଡ଼ିଶା ରସାୟନ ଓ ପେଟ୍ରୋକେମିକାଲ୍ସ ନିବେଶ ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ଉଭା ହେବାର ନିଜର ଆକାଂକ୍ଷାକୁ ଦୋହରାଇଛି, ଯାହା ନିଜର ବିଦ୍ୟମାନ ଶିଳ୍ପ ଶକ୍ତି ଉପରେ ଆଧାରିତ ହୋଇ ଉତ୍ପାଦନ, ଅନୁଷଙ୍ଗିକ ଶିଳ୍ପ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

ମୁମ୍ବାଇର ନେସ୍କୋ ସ୍ଥିତ ବମ୍ବେ ଏକ୍ସିବିସନ୍ ସେଣ୍ଟରରେ ଆୟୋଜିତ ଇଣ୍ଡିଆ କେମ୍ ସମ୍ମିଳନୀର ଉଦ୍ଘାଟନୀ ଅଧିବେଶନରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରସାୟନ ଓ ପେଟ୍ରୋକେମିକାଲ୍ ଶିଳ୍ପରେ ରାଜ୍ୟର ଶିଳ୍ପ ଭିତ୍ତିଭୂମି, ପ୍ରାକୃତିକ ସମ୍ପଦ ଏବଂ ନିବେଶ ସମ୍ଭାବନାକୁ ନିବେଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ଶିଳ୍ପ ନେତୃତ୍ୱଙ୍କ ସହ ରାଉଣ୍ଡଟେବୁଲ୍ ଆଲୋଚନା ଏବଂ ବିଭିନ୍ନ କମ୍ପାନୀର ପ୍ରତିନିଧିଙ୍କ ସହ ଏକକ ବୈଠକରେ ଯୋଗଦେଇଛନ୍ତି। ଏହି ଆଲୋଚନାରେ ଓଡ଼ିଶାରେ ନୂଆ ଶିଳ୍ପ ପ୍ରତିଷ୍ଠା, ଡାଉନଷ୍ଟ୍ରିମ୍ ଉତ୍ପାଦନର ସମ୍ପ୍ରସାରଣ ଏବଂ ନିବେଶ ସହଭାଗିତାର ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିବା ସୂଚନା ମିଳିଛି। ଏହାସହିତ କୋଲ୍ ଗ୍ୟାସିଫିକେସନର ସମ୍ଭାବନା ଏବଂ ଏକ ବୃହତ୍ ସ୍ୱତନ୍ତ୍ର ରସାୟନ ଶିଳ୍ପ ପାର୍କ ସ୍ଥାପନର ପରିକଳ୍ପନା ଓଡ଼ିଶାର ନିବେଶ ଅଭିଯାନର ଅନ୍ୟତମ ପ୍ରମୁଖ ଦିଗ ରହିଛି। ଏହି କ୍ଷେତ୍ରରେ ନୂଆ ଶିଳ୍ପ ପ୍ରତିଷ୍ଠା ହେଲେ ମୂଲ୍ୟଯୁକ୍ତ ଉତ୍ପାଦନ, ସହଯୋଗୀ ଶିଳ୍ପର ବିକାଶ ଓ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟିର ନୂଆ ସମ୍ଭାବନା ଖୋଲିପାରିବ।




- ରାଜ୍ୟକୁ ଛୁଟିବ ପୁଞ୍ଜିନିବେଶର ସୁଅ
- ମୁମ୍ବାଇରୁ ଆସିବ ୫୦ ହଜାର କୋଟିର ଇନଭେଷ୍ଟମେଣ୍ଟ
- ଦେଶ-ବିଦେଶର ଶିଳ୍ପପତିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା



ଅନ୍ୟପଟେ ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଏଫଆଇସିସିଆଇର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଚଳିତ ବର୍ଷର ବିଷୟବସ୍ତୁ "ଆଡ଼ଭାଣ୍ଟେଜ ଭାରତ: ଆନ ଏମରଜିଙ୍ଗ ଗ୍ଲୋବାଲ କେମିକାଲସ ହବ" ରହିଥିବା ବେଳେ ଏହି ମଞ୍ଚ ରସାୟନ ଓ ପେଟ୍ରୋକେମିକାଲ୍ ଶିଳ୍ପର ନେତୃତ୍ୱ, ନିବେଶକ ଓ ନୀତି ନିର୍ଦ୍ଧାରକଙ୍କୁ ଏକାଠି କରିବା ସହ ଶିଳ୍ପ ସହଭାଗିତା ଓ ନୂଆ ନିବେଶ ସୁଯୋଗ ଅନ୍ୱେଷଣ ପାଇଁ ଏକ ମଞ୍ଚ ପ୍ରଦାନ କରୁଛି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଭାରତ ସରକାରଙ୍କ ରସାୟନ ଓ ସାର ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଉପସ୍ଥିତ ଥିଲେ। ଏହା ସହିତ ଏଫଆଇସିସିଆଇ ନ୍ୟାସନାଲ୍ କେମିକାଲ୍ କମିଟିର ଏକ୍ଜିକ୍ୟୁଟିଭ୍ ଚେୟାରମ୍ୟାନ୍ ବିମଲ୍ ଏଲ୍. ଗୋକୁଲଦାସ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର୍ ନିଖିଲ୍ ଆର. ମେସୱାନୀ, ଏଫଆଇସିସିଆଇର ସିନିୟର ଭାଇସ୍ ପ୍ରେସିଡେଣ୍ଟ ତଥା ସାନମାର୍ ଗ୍ରୁପ୍ର ଚେୟାରମ୍ୟାନ୍ ବିଜୟ ଶଙ୍କର, ଗୁଜରାଟ ସରକାରଙ୍କ ମନ୍ତ୍ରୀ ପ୍ରଫୁଲ ଛଗନଭାଇ ପାନସେରିଆ, କେନ୍ଦ୍ର ରସାୟନ ଓ ପେଟ୍ରୋକେମିକାଲ୍ ବିଭାଗର ସଚିବ ତେଜବୀର ସିଂହ, ୟୁପିଏଲ ଲିମିଟେଡର ଚେୟାରମ୍ୟାନ୍ ତଥା ଗ୍ରୁପ୍ ସିଇଓ ଜୟ ଶ୍ରଫ୍ ଏବଂ ଏଚଏମଇଏଲର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ପ୍ରଭ ଦାସ ମଧ୍ୟ ଉଦ୍ଘାଟନୀ ଅଧିବେଶନରେ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀରେ ରାଜ୍ୟର ଅଂଶଗ୍ରହଣର ଅନ୍ୟତମ ମୁଖ୍ୟ ଆକର୍ଷଣ ହେବ 'କୋଇଲା ଗ୍ୟାସୀକରଣ ପ୍ରକଳ୍ପ' ଯାହା ଓଡ଼ିଶା ପାଇଁ ଶିଳ୍ପ ବିକାଶର ଏକ ନୂତନ ସୁଯୋଗ ସୃଷ୍ଟି କରିବ। ଏହା ସହିତ, ଶିଳ୍ପ ପରିବେଶକୁ ଅଧିକ ମଜବୁତ୍ କରିବା ଓ ପ୍ରୋତ୍ସାହିତ କରିବା ସହିତ ରସାୟନ, ପେଟ୍ରୋକେମିକାଲ୍ସ, ପ୍ଲାଷ୍ଟିକ୍ସ ଓ ପ୍ୟାକେଜିଂ କ୍ଷେତ୍ରରେ ନିବେଶ ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର, ବୃହତକାୟ କେମିକାଲ୍ ଶିଳ୍ପ ପାର୍କ ପ୍ରତିଷ୍ଠା ନେଇ ଘୋଷଣା କରିପାରନ୍ତି। ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ସହିତ ଓଡ଼ିଶା ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ଶିଳ୍ପ ଅଂଶୀଦାରମାନଙ୍କ ସହ ସମ୍ପର୍କ ଅଧିକ ସୁଦୃଢ଼ କରିବାର ସୁଯୋଗ ଦେବ। ମହାରାଷ୍ଟ୍ର, ଗୁଜରାଟ ଭଳି ରାଜ୍ୟଗୁଡ଼ିକ ଦଶନ୍ଧି ଧରି ପ୍ରମୁଖ ରସାୟନ ଓ ପେଟ୍ରୋକେମିକାଲ୍ସ ହବ୍ ଭାବେ ପ୍ରତିଷ୍ଠିତ ହୋଇସାରିଥିବା ବେଳେ, ଓଡ଼ିଶା ନିଜର ସମୃଦ୍ଧ ସମ୍ପଦ, ଶିଳ୍ପ ଭିତ୍ତିଭୂମି ଏବଂ ସହାୟକ ନୀତିଗତ ଢାଞ୍ଚାକୁ ବ୍ୟବହାର କରି ଏହି କ୍ଷେତ୍ରରେ ଏକ ଅଗ୍ରଣୀ ନିବେଶ ଗନ୍ତବ୍ୟସ୍ଥଳ ଭାବେ ନିଜକୁ ଗଠିତ କରୁଛି। ଖଣି ଓ ଧାତୁ ଶିଳ୍ପରେ ରାଜ୍ୟର ସ୍ଥାପିତ ଦକ୍ଷତା ଡାଉନ୍‌ଷ୍ଟ୍ରିମ୍ ରସାୟନ ଓ ପେଟ୍ରୋକେମିକାଲ୍ସ ଶିଳ୍ପର ପ୍ରସାର, ମୂଲ୍ୟ ବୃଦ୍ଧି ଏବଂ ଉଚ୍ଚ-ମୂଲ୍ୟଯୁକ୍ତ ଉତ୍ପାଦନରେ ନିବେଶ ଆକର୍ଷିତ କରିବା ପାଇଁ ଏକ ମଜବୁତ୍ ଭିତ୍ତିଭୂମି ଯୋଗାଉଛି। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ନିବେଶ ଆକର୍ଷିତ କରିବା, ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ଏବଂ ରୋଜଗାର ସୁଯୋଗ ସୃଷ୍ଟି ଉପରେ ଧ୍ୟାନ ଦେଇ ଏକ ଉଦୀୟମାନ ଶିଳ୍ପ ଗନ୍ତବ୍ୟସ୍ଥଳ ଭାବେ ନିଜ ସ୍ଥିତିକୁ ମଜବୁତ୍ କରିବାରେ ସଫଳ ହୋଇଛି। ରସାୟନ ଓ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ, ରାଜ୍ୟ ୫୬ଟି କମ୍ପାନୀକୁ ଆକର୍ଷିତ କରିଛି, ଯାହା ମାଧ୍ୟମରେ ୧,୯୩,୦୮୭.୯୪ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ଏବଂ ୧,୧୨,୩୨୪ ଜଣ ଆଶାୟୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

## କଲେଜ ନିର୍ବାଚନରୁ ଦୁର୍ଗାପୂଜା ଭସାଣୀ, ଶାନ୍ତିଶୃଙ୍ଖଳା ରକ୍ଷାରେ ଡିସିପି ଡଃ ଶ୍ରବଣ ବିବେକ ଏମ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା



**ଓଡ଼ିଶା ନିଶବ୍ଦ, ମୁକେଶ ରାମ୍ ରିପୋର୍ଟ-ଭୁବନେଶ୍ୱର:** ରାଜଧାନୀ ଭୁବନେଶ୍ୱରରେ କଲେଜ ନିର୍ବାଚନ ଏବଂ ଦୁର୍ଗାପୂଜା ଭସାଣୀ ଭଳି ଜନସମାଗମପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପୋଲିସ ପ୍ରଶାସନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଡିସିପି ଡଃ ଶ୍ରବଣ ବିବେକ ଏମ୍‌ଙ୍କ ଦାୟିତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଆଲୋଚନା ହେଉଛି।

କଲେଜ ନିର୍ବାଚନ ସମୟରେ ଛାତ୍ରଛାତ୍ରୀଙ୍କ ଉତ୍ସାହ, ପ୍ରଚାର ଓ ବିଭିନ୍ନ କାର୍ଯ୍ୟକଳାପ ମଧ୍ୟରେ ଶାନ୍ତି ବଜାୟ ରଖିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପୋଲିସ ପାଇଁ ଏକ ବଡ଼ ଆହ୍ୱାନ। ସେହିପରି ଦୁର୍ଗାପୂଜା ଭସାଣୀ ସମୟରେ ଶୋଭାଯାତ୍ରା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପୋଲିସ ପ୍ରଶାସନକୁ କାର୍ଯ୍ୟ କରିବାକୁ ପଡ଼ିଥାଏ।

ଏହି ସମସ୍ତ କାର୍ଯ୍ୟକ୍ରମରେ ଶୃଙ୍ଖଳିତ ପରିଚାଳନା, ସମନ୍ୱୟ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ରାଜଧାନୀର ଆଇନଶୃଙ୍ଖଳା ରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ। ଡିସିପି ଡଃ ଶ୍ରବଣ ବିବେକ ଏମ୍‌ଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଏହି ପ୍ରକାର କାର୍ଯ୍ୟକ୍ରମର ସୁପରିଚାଳନାରେ ଗୁରୁତ୍ୱ ବହନ କରେ।

ଜନସାଧାରଣଙ୍କ ସୁରକ୍ଷା, ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ୍ ପରିଚାଳନା ଭଳି ବିଷୟରେ ପୋଲିସ ପ୍ରଶାସନର ସକ୍ରିୟତା ରାଜଧାନୀବାସୀଙ୍କ ପାଇଁ ଆଶ୍ୱସ୍ତିର କାରଣ। ଆଗାମୀ ଦିନରେ ମଧ୍ୟ ଏଭଳି ଶୃଙ୍ଖଳିତ ଓ ସୁରକ୍ଷିତ ପରିବେଶ ବଜାୟ ରହିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଉଛି।

## କୋଟିଆ ପାଇଁ ଏକାଠି ସର୍ବଦଳୀୟ ନେତା

# ଆନ୍ଧ୍ର ନିର୍ବାଚନ ରୋକିବାକୁ ରଣନୀତି




କୋଟିଆ ପ୍ରସଙ୍ଗକୁ ନେଇ ଏକାଠି ହୋଇଛନ୍ତି ସର୍ବଦଳୀୟ ନେତା ଓ ପ୍ରଶାସନିକ ଅଧିକାରୀ। କୋଟିଆରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ନିର୍ବାଚନ କରାଯିବାର ଆଶଙ୍କା ମଧ୍ୟରେ ଏହାକୁ ରୋକିବା ସହ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ନେଇ ଆଲୋଚନା ହୋଇଛି।

ପଟ୍ଟାଙ୍ଗୀ ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଲଇଛନ ଖରାଙ୍କ ସମେତ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରକ୍ରିୟାକୁ କିପରି ରୋକାଯାଇପାରିବ, ସେନେଇ ବୈଠକରେ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା ।

ଏଥିସହ ଅଞ୍ଚଳବାସୀଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଯୋଜନା ଓ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବାକୁ ସ୍ୱତନ୍ତ୍ର ଶିବିର ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଶିବିରଗୁଡ଼ିକରେ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଲୋକଙ୍କୁ ଯୋଜନାର ସୁଫଳ ଓ ସରକାରୀ ସୁବିଧା ସମ୍ପର୍କରେ ଅବଗତ କରାଇବେ। ଏନେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି । କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗିରହିଛି। ଏଭଳି ସ୍ଥିତିରେ ଅଞ୍ଚଳରେ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କ ସହ ଯୋଗାଯୋଗ ବଢ଼ାଇବାକୁ ପ୍ରଶାସନ ଗୁରୁତ୍ୱ ଦେଉଛି । ତେବେ ଆନ୍ଧ୍ରର ପ୍ରସ୍ତାବିତ ନିର୍ବାଚନକୁ ରୋକିବା ଦିଗରେ ଏହି ରଣନୀତି କେତେ ସଫଳ ହେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

## ଦୁର୍ଗାପୂଜା ଭସାଣି ଦେଖି ଫେରୁଥିଲେ ବୁଡ଼ିଲା ଡଙ୍ଗା, ଜଣେ ମୃତ, ୨ ନିଖୋଜ

ଦୁର୍ଗାପୂଜା ଭସାଣି ଦେଖି ଘରକୁ ଫେରୁଥିବା ବେଳେ ଘଟିଲା ବଡ଼ ଅଘଟଣ। ନଦୀ ପାର ହେଉଥିବା ସମୟରେ ହଠାତ୍ ଡଙ୍ଗା ବୁଡ଼ିଯିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ନିଖୋଜ ଅଛନ୍ତି। ଏହି ଘଟଣାକୁ ନେଇ ଯାଜପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ ମହମ୍ମଦ ଜମାଲପୁର ଗାଁର ଏକ ପରିବାରର ସଦସ୍ୟ ଓ ସମ୍ପର୍କୀୟ ମିଶି ମୋଟ ୪ ଜଣ ଉଆଁରକୂଳ ଗାଁକୁ ଦୁର୍ଗାପୂଜା ଭସାଣି ଦେଖିବାକୁ ଯାଇଥିଲେ। ଆଜି ସକାଳ ପ୍ରାୟ ୮ଟା ସମୟରେ ସେମାନେ ତନ୍ତୀଘାଇ ଶାଖା ନଦୀର ଦଉରୀବନ୍ଧା ଘାଟ ଦେଇ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ନଦୀର ଏକ ଗଣ୍ଡରେ ଡଙ୍ଗାଟି ହଠାତ୍ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା।

ଡଙ୍ଗାରେ ଶୁଭଙ୍କର ଦଲାଇ, ମଣିଆ ଦଲାଇ, ହେମଲତା ଦଲାଇ ଓ ଭାମା ଦଲାଇ ଥିଲେ। ଡଙ୍ଗା ବୁଡ଼ିବା ପରେ ସ୍ଥାନୀୟ ଲୋକେ ହେମଲତା ଓ ଭାମାଙ୍କୁ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ୬୦ ବର୍ଷୀୟା ଭାମା ଦଲାଇଙ୍କ ମୃତ୍ୟୁ ହୋଇଛି। ତାଙ୍କ ମାଆ ହେମଲତା ଦଲାଇ ବର୍ତ୍ତମାନ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ଅନ୍ୟପଟେ, ନିଖୋଜ ଦୁଇଜଣଙ୍କୁ ଖୋଜିବା ପାଇଁ ଉଦ୍ଧାର ଅଭିଯାନ ଜାରି ରହିଛି। ଡଙ୍ଗା ବୁଡ଼ିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏହି ଘଟଣା ପରେ ନଦୀ ପାରାପାର ସମୟରେ ଲୋକଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

# ଜଟଣୀରେ ଡାଟା ସେଣ୍ଟର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ



୨୫ରେ ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦି। RBI ଗ୍ରୀନଫିଲ୍ଡ ଡାଟା ସେଣ୍ଟରର ଉଦଘାଟନ କରିବେ ପିଏମ। ଜଟଣୀ 'ଇନଫୋ ଭ୍ୟାଲି-୨'ରେ ନୂତନ କରି ନିର୍ମିତ ଡାଟା ସେଣ୍ଟର ଏବଂ 'ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବର ସିକ୍ୟୁରିଟି ଟ୍ରେନିଂ ଇନଷ୍ଟିଚ୍ୟୁଟ୍' ର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ। ଏନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି। ୨୫ ତାରିଖ ଅପରାହ୍ନ ସମୟରେ ସ୍ୱତନ୍ତ୍ର ବିମାନ ସାହାଯ୍ୟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ମୋଦି। ସେଠାରୁ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ଅସ୍ଥାୟୀ ହେଲିପ୍ୟାଡକୁ ଆସିବାର ବନ୍ଦୋବସ୍ତ କରାଯାଇଛି। ୩ଟି ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ ହୋଇଛି। ରାସ୍ତାଘାଟ ମରାମତି, ପରିମଳ ବ୍ୟବସ୍ଥା କରାଯିବା ସହିତ ଏବେ ଠାରୁ ପୋଲିସ ପକ୍ଷରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

## ଇଣ୍ଡୋନେସିଆ ଫେରିଲେ ଓରାଙ୍ଗଉଟାନ୍

# ନନ୍ଦନକାନନର ୫ଟିଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ

ଭାରତରୁ ଇଣ୍ଡୋନେସିଆ ଫେରିଲା ଉଦ୍ଧାର ହୋଇଥିବା ଶାବକ ଓରାଙ୍ଗଉଟାନ୍ । ଓଡ଼ିଶାରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ୍‌ଙ୍କୁ ମଧ୍ୟ ଫେରାଇ ନେବା ପାଇଁ ଉଦ୍ୟମ ଜାରି । ଓଡ଼ିଶାରୁ ଉଦ୍ଧାର ୫ ଓରାଙ୍ଗଉଟାନ୍‌ଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ ଆରମ୍ଭ କରିଛି ଇଣ୍ଡୋନେସିଆ ପ୍ରଶାସନ । ସେମାନଙ୍କୁ ୨୦୨୬ ସେପ୍ଟେମ୍ବରରେ ଓଡ଼ିଶାରୁ ଉଦ୍ଧାର କରାଯାଇଥିଲା । ବର୍ତ୍ତମାନ ଏହି ୫ଟି ଓରାଙ୍ଗଉଟାନ୍ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ଜାତୀୟ ଉଦ୍ୟାନରେ ରହିଛନ୍ତି ।

ସେଠାରେ ସେମାନଙ୍କୁ ଆବଶ୍ୟକୀୟ ପ୍ରାଣୀ ଚିକିତ୍ସା ସେବା ଓ ସୁରକ୍ଷା ଯୋଗାଇ ଦିଆଯାଉଛି । ତେବେ ଏହି ଓରାଙ୍ଗଉଟାନ୍‌ମାନଙ୍କ ପ୍ରଜାତି ଓ ଉତ୍ପତ୍ତି ସମ୍ପର୍କରେ ନିଶ୍ଚିତ ହେବା ସହ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଓ ନିୟମାବଳୀ ପୂରଣ ପରେ ସେମାନଙ୍କୁ ଫେରାଇ ନିଆଯିବ । ଏହି ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ଇଣ୍ଡୋନେସିଆର ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଏକ ଦଳ ନଭେମ୍ବର ୨୦୨୬ରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

ସେପଟେ ଭାରତରେ ଉଦ୍ଧାର ହୋଇଥିବା ସୁମାତ୍ରା ପ୍ରଜାତିର ଏକ ଶାବକ ଓରାଙ୍ଗଉଟାନ୍‌କୁ ଇଣ୍ଡୋନେସିଆ ଫେରାଇ ନିଆଯାଇଛି । ୨୦୨୪ ନଭେମ୍ବରରେ ଭାରତରେ ଉଦ୍ଧାର ହୋଇଥିବା ଏହି ଓରାଙ୍ଗଉଟାନ୍‌କୁ ୧୯ ଅକ୍ଟୋବର ୨୦୨୬ରେ ଉଭୟ ଦେଶର ବନ୍ୟପ୍ରାଣୀ ସୁରକ୍ଷା ସଂସ୍ଥା ଏବଂ ବିଲୁପ୍ତପ୍ରାୟ ପ୍ରଜାତିର ଅନ୍ତର୍ଜାତୀୟ ବାଣିଜ୍ୟ ସମ୍ମିଳନୀ ପରିଚାଳନା କର୍ତ୍ତୃପକ୍ଷଙ୍କ ସମନ୍ୱିତ ପ୍ରୟାସରେ ଫେରାଇ ଦିଆଯାଇଛି । ଗୁଜରାଟରୁ ପଠାଯାଇଥିବା ଏହି ଓରାଙ୍ଗଉଟାନ୍ ଇଣ୍ଡୋନେସିଆର ମେଦାନସ୍ଥିତ କୁଆଲାନାମୁ ବିମାନବନ୍ଦରରେ ପହଞ୍ଚିଥିଲା । ଏହି ଅବସରରେ ମେଦାନସ୍ଥିତ ଭାରତୀୟ କନସୁଲେଟ୍ ଜେନେରାଲ୍‌ର ଅଧିକାରୀମାନେ ଇଣ୍ଡୋନେସିଆର ବନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସ୍ୱାଗତ ସମାରୋହରେ ଯୋଗ ଦେଇଥିଲେ ।



## ମୁମ୍ବାଇର କୁର୍ଲାରେ ୧୩ ମହଲାରେ ଭୟଙ୍କର ଅଗ୍ନିକାଣ୍ଡ: ୯ ଆହତ




**ମୁମ୍ବାଇ:** ମହାରାଷ୍ଟ୍ରର ମୁମ୍ବାଇର କୁର୍ଲାର ପଶ୍ଚିମ ଅଞ୍ଚଳରେ ସକାଳ ପ୍ରାୟ ୬ଟା ୫୩ ସମୟରେ ଏକ ୧୩ ମହଲା ଆବାସିକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୯ ଜଣ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ଯୋଗୁଁ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ନଗର ନିଗମ ଏବଂ ଅଗ୍ନିଶମ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି। ଆହତଙ୍କୁ ଚିକିତ୍ସା ଲାଗି ରାଜାୱାଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତ ଆହତ ବିପଦମୁକ୍ତ ଥିବା ଜଣାପଡ଼ିଛି। ଆହତମାନଙ୍କ ମଧ୍ୟରେ ଜଣେ ପାଞ୍ଚ ବର୍ଷର ପୁଅ, ଜଣେ ୧୪ ବର୍ଷର ଝିଅ ଏବଂ ଜଣେ ୧୭ ବର୍ଷର ଝିଅ ଅଛନ୍ତି। ଅନ୍ୟ ଆହତମାନଙ୍କ ମଧ୍ୟରେ ୧୮ ରୁ ୬୫ ବର୍ଷ ବୟସର ବ୍ୟକ୍ତି ଅଛନ୍ତି। ବୃହନ୍ ?ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ(ବିଏମସି) ଅଧିକାରୀଙ୍କ ଅନୁଯାୟୀ, କୁର୍ଲା ପଶ୍ଚିମରେ ଥିବା କୋହିନୂର ଏଚଡିଆଇଏଲ କୋଠା ନମ୍ବର ୫ରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର ମୁଖ୍ୟ କାରଣ ବିଦ୍ୟୁତ୍ ତାର ଏବଂ ଡକ୍ଟୱାର୍କ ବୋଲି ଅନୁମାନ କରାଯାଉଛି, ଯାହା ଦ୍ରୁତ ଗତିରେ ଉପର ମହଲାକୁ ବ୍ୟାପିଯାଇଥିଲା। ସକାଳୁ ସକାଳୁ ହଠାତ୍ ଘଟିଥିବା ଏହି ଘଟଣା ନେଇ କୋଠାର ବାସିନ୍ଦାମାନେ ଭୟଭୀତ ହୋଇଯାଇଥିଲେ। ସେମାନେ ନିରାପଦ ସ୍ଥାନକୁ ପଳାଇ ଯାଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ମୁମ୍ବାଇ ପୁଲିସ ଏବଂ ଅଗ୍ନିଶମ ବାହିନୀ ଗାଡ଼ିଗୁଡ଼ିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀମାନେ ସକାଳ ପ୍ରାୟ ୭ଟା ୨୧ ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ କାବୁ କରିଥିଲେ, ଯାହା ଫଳରେ ଏକ ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇଥିଲା। ସ୍ଥାନୀୟ ପ୍ରଶାସନ ଏବଂ ଅଗ୍ନିଶମ ବିଭାଗ ବର୍ତ୍ତମାନ ବିଦ୍ୟୁତ୍ ଡକ୍ଟରେ ସର୍ଟ ସର୍କିଟର କାରଣ ତଦନ୍ତ କରୁଛନ୍ତି।

## ୧୦୯ ବର୍ଷ ପରେ ବ୍ରିଟିଶ ସରକାରଙ୍କୁ ଋଣ ଦାବି କଲେ ମଧ୍ୟପ୍ରଦେଶର ରୁଠିଆ ପରିବାର



**ସିହୋର:** ୧୦୯ ବର୍ଷ ପୁରୁଣା ଋଣକୁ ନେଇ ଏବେ ଚର୍ଚ୍ଚାରେ ମଧ୍ୟପ୍ରଦେଶର ସିହୋରର ରୁଠିଆ ପରିବାର। ପରିବାରର ଦାବି ଅନୁଯାୟୀ ୧୯୧୭ ମସିହାରେ ସେମାନଙ୍କ ପୂର୍ବପୁରୁଷ ସେଠ ଜୁମ୍ମାଲାଲ ରୁଠିଆ ବ୍ରିଟିଶ ସରକାରଙ୍କୁ ୩୫ ହଜାର ଟଙ୍କା ଋଣ ଦେଇଥିଲେ। ଦୀର୍ଘ ବର୍ଷ ପରେ ଏହି ଅର୍ଥ ଫେରସ୍ତ ପାଇଁ ପରିବାର ପକ୍ଷରୁ ଆଇନଗତ ପଦକ୍ଷେପ ନିଆଯାଇଛି। କିନ୍ତୁ ବ୍ରିଟେନର ଋଣ ପରିଚାଳନା କାର୍ଯ୍ୟାଳୟ ସମ୍ପୃକ୍ତ ଋଣର କୌଣସି ରେକର୍ଡ ମିଳିନଥିବା କହିବା ସହ ଏହାର ଦାୟିତ୍ୱ ନେବାକୁ ମନା କରିଛି। ଏହି ଉତ୍ତରରେ ଅସନ୍ତୁଷ୍ଟ ପରିବାର ଏବେ ନିଜ ଦାବିର ସମର୍ଥନରେ ଅଧିକ ପୁରୁଣା ଦସ୍ତାବିଜ ସଂଗ୍ରହ କରିବା ସହ ଆଗକୁ ଆଇନଗତ ଲଢ଼େଇ ଜାରି ରଖିବାକୁ ଯୋଜନା କରିଛି। ରୁଠିଆ ପରିବାରର ଦାବି ଅନୁସାରେ, ୧୯୧୭ ମସିହାରେ ଭାରତରେ ବ୍ରିଟିଶ ଶାସନ ଚାଲିଥିବା ସମୟରେ ସେଠ ଜୁମ୍ମାଲାଲ ରୁଠିଆ ବ୍ରିଟିଶ ସରକାରଙ୍କୁ ୩୫ ହଜାର ଟଙ୍କା ଋଣ ଦେଇଥିଲେ। ଏହି ଅର୍ଥ ଋଣ ଭାବରେ ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ଫେରସ୍ତ ହୋଇନାହିଁ। ଏହି ଦାବିର ସମର୍ଥନରେ ପରିବାର ପାଖରେ କିଛି ପୁରୁଣା ଦସ୍ତାବିଜ ମଧ୍ୟ ରହିଛି। ଏହାକୁ ଆଧାର କରି ପରିବାର ପକ୍ଷରୁ ବ୍ରିଟିଶ ସରକାରଙ୍କ ନିକଟରେ ଋଣ ପରିଶୋଧ ପାଇଁ ଦାବି ଉପସ୍ଥାପନ କରାଯାଇଛି। ଏହି ଋଣ ଫେରସ୍ତ ପାଇବା ପାଇଁ ରୁଠିଆ ପରିବାର ବ୍ରିଟିଶ ପକ୍ଷକୁ ଆଇନଗତ ନୋଟିସ ପଠାଇଥିଲା। ଏଥିରେ ମୂଳ ରାଶି ସହ ସୁଧ ମିଶାଇ ଟଙ୍କା ଫେରସ୍ତ କରିବାକୁ ଦାବି କରାଯାଇଥିଲା। ଏହାପରେ ବ୍ରିଟେନର ଋଣ ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ ମାମଲା ସମ୍ପର୍କରେ ଉତ୍ତର ଦିଆଯାଇଥିଲା ଯେ ଏହି ଋଣର କିଛି ରେକର୍ଡ ନାହିଁ । ତେବେ ପରିବାର ଏହି ଉତ୍ତରରେ ସନ୍ତୁଷ୍ଟ ନାହାଁନ୍ତି। ଏବେ ପରିବାର ଅଧିକ ପ୍ରମାଣ ଓ ଐତିହାସିକ ରେକର୍ଡ ସଂଗ୍ରହ କରୁଛି।

# ଉତ୍ତରପ୍ରଦେଶରେ ୭.୫୫ଲକ୍ଷ କୋଟିର ନିବେଶ

## ରୋଜଗାର ଓ ବିକାଶର ନୂଆ ଆଶା



**ଲକ୍ଷ୍ନୌ:** ଦୀପାବଳିପରେ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିବାକୁ ପ୍ରସ୍ତୁତି। ଡାଟା ସେଣ୍ଟରକୁ ମିଳିବ ସ୍ୱତନ୍ତ୍ର ପ୍ରୋତ୍ସାହନ, ଯୁବପିଢ଼ିଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏନେଇ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଛନ୍ତି। ଉତ୍ତରପ୍ରଦେଶରେ ବଡ଼ ଧରଣର ନିବେଶ ରାଜ୍ୟରେ ରୋଜଗାର ଓ ବିକାଶର ନୂଆ ଆଶା ସୃଷ୍ଟି କରିଛି। ଦୀପାବଳି ପରେ ରାଜ୍ୟରେ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପକୁ ଭୂମିସ୍ତରରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚାଲିଛି। ଏହାଦ୍ୱାରା ଶିଳ୍ପ କ୍ଷେତ୍ରକୁ ଗତି ମିଳିବା ସହ ଯୁବପିଢ଼ିଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ନଭେମ୍ବର ଶେଷ ସୁଦ୍ଧା ପ୍ରସ୍ତାବିତ ଗ୍ରାଉଣ୍ଡ ବ୍ରେକିଂ ସେରିମୋନି ୫.୦ରେ ୭.୫୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସମ୍ବଳିତ ୬,୯୭୨ଟି ପ୍ରକଳ୍ପ ସାମିଲ ହେବ। ଏହି ନିବେଶର ସବୁଠାରୁ ବଡ଼ ଅଂଶ ସେବା କ୍ଷେତ୍ରରେ ରହିଛି। ଡାଟା ସେଣ୍ଟରଠାରୁ ଆରମ୍ଭ କରି ପର୍ଯ୍ୟଟନ, ଶିକ୍ଷା ଓ ଆର୍ଥିକ ସେବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ର ଜରିଆରେ ଉତ୍ତରପ୍ରଦେଶର ଅର୍ଥନୀତିକୁ ନୂଆ ଦିଗ ଦେବାକୁ ଯୋଜନା କରାଯାଉଛି।

### ଡାଟା ସେଣ୍ଟର ଉପରେ ସର୍ବାଧିକ ଗୁରୁତ୍ୱ

ଉତ୍ତରପ୍ରଦେଶରେ ଡାଟା ସେଣ୍ଟର କ୍ଷେତ୍ର ଦ୍ରୁତଗତିରେ ଉଭା ହେଉଛି। ଏହି କ୍ଷେତ୍ରରେ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି। ଏହା ପରେ ଶକ୍ତି କ୍ଷେତ୍ରରେ ୧.୧୫ ଲକ୍ଷ କୋଟି ଟଙ୍କା ଏବଂ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ୭୫ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି। ଡାଟା ସେଣ୍ଟରରେ ନିବେଶ ବୃଦ୍ଧି ପାଇବା ଦ୍ୱାରା ସର୍ଭର କ୍ଷମତା ଓ କ୍ଲାଉଡ୍ ସେବାର ସମ୍ପ୍ରସାରଣ ହେବ। ଅନ୍ୟପକ୍ଷରେ, ଉତ୍ପାଦନ କ୍ଷେତ୍ରରେ ଆଇଟି ଓ ଇଲେକ୍ଟ୍ରୋନିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ, ସିମେଣ୍ଟ, ଔଷଧ, ରାସାୟନିକ ପଦାର୍ଥ, ବୟନଶିଳ୍ପ ଓ ଅଟୋମୋବାଇଲ୍ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯିବ।

### ଡାଟା ସେଣ୍ଟର ସ୍ଥାପନ ପାଇଁ ୭୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ

ଡାଟା ସେଣ୍ଟର କ୍ଷେତ୍ରରେ ନିବେଶକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ବ୍ୟବସ୍ଥା କରିଛନ୍ତି। ଡାଟା ସେଣ୍ଟର ନୀତି-୨୦୨୬ ଅନୁଯାୟୀ, ଯୋଗ୍ୟ ନିବେଶକମାନେ ସୁଧ ସବସିଡି ସହ ଅତିରିକ୍ତ ସୁବିଧା ପାଇପାରିବେ। ସାଧାରଣ ସୁଧ ସବସିଡିର ସର୍ବାଧିକ ମୂଳ ସୀମା ୫୦ କୋଟି ଟଙ୍କା ରହିଛି। ଏଥିରେ ଏଆଇ କମ୍ପ୍ୟୁଟ୍ କ୍ଲଷ୍ଟର ଏବଂ ସବୁଜ ଓ ସ୍ଥାୟୀ ପରିଚାଳନା କ୍ଲଷ୍ଟର ସମ୍ବନ୍ଧୀୟ ମାନଦଣ୍ଡ ପୂରଣ କଲେ ପ୍ରତ୍ୟେକ କ୍ଷେତ୍ରରେ ସର୍ବାଧିକ ୧୦ କୋଟି ଟଙ୍କା ଲେଖାଏଁ ଅତିରିକ୍ତ ସୁବିଧା ମିଳିପାରିବ। ଉଭୟ ସର୍ତ୍ତ ପୂରଣ ହେଲେ ସୁଧ ସବସିଡିର ସର୍ବାଧିକ ସୀମା ୭୦ କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରିବ। ଆଇଟି ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ସୁନୀଲ କୁମାର ଶର୍ମାଙ୍କ ଅନୁଯାୟୀ, ଏହି ବ୍ୟବସ୍ଥାରେ ଏଆଇ କମ୍ପ୍ୟୁଟିଂ କ୍ଷମତା ସହ ପରିବେଶ ଅନୁକୂଳ ପରିଚାଳନାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ଡାଟା ସେଣ୍ଟର ସ୍ଥାପନ କରୁଥିବା ଯୋଗ୍ୟ ନିବେଶକଙ୍କ ପାଇଁ ସରକାର ଅନ୍ୟାନ୍ୟ ସୁବିଧା ମଧ୍ୟ ଘୋଷଣା କରିଛନ୍ତି। ଏଥିରେ ଦୁଇଟି ଗ୍ରିଡ୍ ?ରୁ ବିଦ୍ୟୁତ୍ ଯୋଗାଣ, ଜମି ସବସିଡି, ଷ୍ଟାମ୍ପ ଶୁଳ୍କ ଛାଡ଼ ଏବଂ ଟ୍ରାନ୍ସମିସନ୍ ଓ ହ୍ୱିଲିଂ ଶୁଳ୍କ ସମ୍ବନ୍ଧୀୟ ସୁବିଧା ସାମିଲ ରହିଛି। ତେବେ ସବୁଜ ଓ ସ୍ଥାୟୀ ପରିଚାଳନା କ୍ଲଷ୍ଟରର ଲାଭ ପାଇବା ପାଇଁ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିବା ଜରୁରୀ। ନିବେଶକଙ୍କୁ ସ୍ୱୀକୃତିପ୍ରାପ୍ତ ଗ୍ରୀନ୍ ସାର୍ଟିଫିକେସନ୍ କିମ୍ବା ନୀତିରେ ଗ୍ରହଣୀୟ ସମକକ୍ଷ ପ୍ରମାଣପତ୍ର ହାସଲ କରିବାକୁ ପଡ଼ିବ। କେବଳ ସାଧାରଣ ଓଝଙ ପ୍ରମାଣପତ୍ର, ସ୍ୱ-ପ୍ରମାଣୀକରଣ କିମ୍ବା ଶକ୍ତି ଅଡିଟ୍ ଆଧାରରେ ଏହି ଅତିରିକ୍ତ ସୁବିଧା ଆପେଆପେ ମିଳିବ ନାହିଁ।

ଜିବିସି ୫.୦ ଆୟୋଜନ ପାଇଁ ଇନଭେଷ୍ଟ ୟୁପି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଏହି ସମାରୋହ ପାଇଁ ଲକ୍ଷ୍ନୌସ୍ଥିତ ଇନ୍ଦିରା ଗାନ୍ଧୀ ପ୍ରତିଷ୍ଠାନ ଏବଂ ଡିଫେନ୍ସ ଏକ୍ସପୋ ଗ୍ରାଉଣ୍ଡକୁ ଚୟନ କରାଯାଇଛି। ପ୍ରସ୍ତାବିତ ନିବେଶ ପ୍ରକଳ୍ପଗୁଡ଼ିକ ଭୂମିସ୍ତରରେ କାର୍ଯ୍ୟକାରୀ ହେଲେ ରାଜ୍ୟର ଶିଳ୍ପ କାର୍ଯ୍ୟକଳାପକୁ ଗତି ମିଳିବା ଆଶା କରାଯାଉଛି। ବିଶେଷକରି ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ, ଶକ୍ତି ଓ ସେବା କ୍ଷେତ୍ରରେ ନିବେଶ ବୃଦ୍ଧି ପାଇଲେ ଦକ୍ଷ ପେସାଦାରଙ୍କ ସହ ବୈଷୟିକ ଓ ସହାୟକ ସେବା କ୍ଷେତ୍ରରେ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ଦିନମଜୁରିଆଙ୍କୁ ବିଜୟ ସରକାରଙ୍କ ଦୁର୍ଗାପୂଜା ଭେଟି

# ୧୫୦ ଦିନର କାମ ଯୋଗାଇ ଦିଆଯିବ



ଚେନ୍ନାଇ: ଖଟିଖିଆଙ୍କୁ ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ସରକାରଙ୍କ ପକ୍ଷରୁ ଦୁର୍ଗାପୂଜା ଭେଟି ମିଳିଛି। ବିଜୟଙ୍କ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଭିବି-ଜିରାମଜୀ ଯୋଜନାରେ ୧୨୫ ଦିନର ରୋଜଗାର ପୂରଣ କରୁଥିବା ଯୋଗ୍ୟ ଗ୍ରାମୀଣ ପରିବାରକୁ ରାଜ୍ୟ ପାଣ୍ଠିରୁ ୨୫ ଦିନର ଅତିରିକ୍ତ କାମ ମିଳିବ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ୨୦୦୫ ମନରେଗା ରଦ୍ଦ କରିବା ପରେ କେନ୍ଦ୍ର ସରକାର ଏକ ଆଦେଶ ଅନୁଯାୟୀ ଦେଶବ୍ୟାପୀ 'ବିକାଶ ଭାରତ-ରୋଜଗାର ଏବଂ ଜୀବିକା ମିଶନ ଭିବି-ଜି ରାମ ଜି' ଆରମ୍ଭ କରିଥିଲେ। ଏହା ୧ ଜୁଲାଇ ୨୦୨୬ରୁ ତାମିଲନାଡୁରେ କାର୍ଯ୍ୟକାରୀ ହୋଇଥିଲା। ଏହା ଅନ୍ତର୍ଗତ ୧୨୫ ଦିନର ରୋଜଗାରର ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିଥିଲା। ଏହି ପଦକ୍ଷେପର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ବର୍ଷକୁ ୧୫୦ଦିନ ପାଇଁ ସହାୟତା ଯୋଗାଇବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏନେଇ ପ୍ରଶାସନିକ ଅନୁମୋଦନ ପ୍ରଦାନ ଏବଂ ଦୁର୍ବଳ ଗୋଷ୍ଠୀର ପରିବାରଗୁଡ଼ିକୁ ପ୍ରାଥମିକତା ଦେବା ପାଇଁ ଏକ ନିର୍ଦ୍ଦେଶ ଜାରି କରିଛି।

### ୨୦୦୫ ମନରେଗା ରଦ୍ଦ

ଅତିରିକ୍ତ ୨୫ ଦିନର ନିଯୁକ୍ତି ପାଇଁ ମହିଳା ମୁଖ୍ୟ ପରିବାରଗୁଡ଼ିକୁ ପ୍ରାଥମିକତା ଦିଆଯିବ। ଏହି ଯୋଜନାର ବିଶେଷ ଲାଭ ଅବିବାହିତ ମହିଳା, ବିକଳାଙ୍ଗ ସଦସ୍ୟ ଥିବା ପରିବାର, ଅନୁସୂଚିତ ଜାତି ଏବଂ ଜନଜାତି ପରିବାର ଏବଂ ଅନୁସୂଚିତ ଜନଜାତିଙ୍କୁ ମିଳିବ। ଏହା ସହିତ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ହିତାଧିକାରୀମାନଙ୍କୁ ମଧ୍ୟ ପ୍ରାଥମିକତା ଦିଆଯିବ। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ବିଭାଗର କମିସନରଙ୍କୁ ଚେନ୍ନାଇ ବ୍ୟତୀତ ସମସ୍ତ ଜିଲ୍ଲାରେ ପାଣ୍ଠି ବଣ୍ଟନ କରିବାକୁ ଅଧିକାର ଦିଆଯାଇଛି।

## ଧସିଲା ବେଆଇନ ସୁନା ଖଣି: ମାଟିତଳେ ଚାପି ହୋଇ ୧୪ ମୃତ, ୭ ଆହତ

**ବୋଗୋଟା:**କଲମ୍ବିଆର ନାରିନୋ ପ୍ରଦେଶର ଏକ ଦୁର୍ଗମ ଅଞ୍ଚଳରେ ବିନା ଅନୁମତିରେ ଚାଲୁଥିବା ଏକ ଖୋଲା ସୁନା ଖଣି ଧସି ପଡ଼ିଛି। ଏହି ଘଟଣାରେ ୧୪ ଜଣ ଶ୍ରମିକଙ୍କର ମାଟିରେ ଚାପି ହୋଇ ମୃତ୍ୟୁ ଘଟିଛି। ନାରିନୋ ପ୍ରଶାସନ ଏକ ବିବୃତିରେ କହିଛି ଯେ, ସାଣ୍ଟା ବାର୍ବାରା ଡି ଏସ୍କୁଆଣ୍ଡେ ନାମକ ଛୋଟ ସହର ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ଅନ୍ୟ ସାତ ଜଣ ଆହତ ହୋଇଛନ୍ତି। ସହର ବର୍ଷାଜଳ ଦ୍ୱାରା ଘେରି ରହିଛି ଏବଂ କେବଳ ଡଙ୍ଗା କିମ୍ବା ଛୋଟ ବିମାନ ଦ୍ୱାରା ପହଞ୍ଚିବା ପାଇଁ ଉଦ୍ଧାର କର୍ମୀଙ୍କ ପାଇଁ ଏହି ଅଞ୍ଚଳକୁ ପହଞ୍ଚିବା କଷ୍ଟକର ହୋଇପଡିଥିଲା। ତେବେ ଉଦ୍ଧାର ଏବଂ ସନ୍ଧାନ ଅଭିଯାନ ଶେଷ ହୋଇଛି।

ସୁନାଖଣିରେ ଗତ ତିନି ମାସ ମଧ୍ୟରେ ଦୁଇଟି ବଡ଼ ଦୁର୍ଘଟଣା ଘଟି ୨୭ ଜଣଙ୍କ ଜୀବନ ଯାଇଛି। ଏଭଳି ପରିସ୍ଥିତି ପୁଣି ଥରେ ବେଆଇନ ଖଣିରେ ଘଟୁଥିବା ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଦୁଃଖଦ ଦୁର୍ଘଟଣା ନେଇ ନାରିନୋର ରାଜ୍ୟପାଳ ଲୁଇସ୍ ଆଲଫୋନ୍‌ସୋ ଏସ୍କୋବାର୍



ଶୋକ ପ୍ରକାଶ କରିଛନ୍ତି। କଲମ୍ବିଆରେ ଶହ ଶହ ଛୋଟ ଖଣି ସରକାରୀ ଅନୁମତି ବିନା କାର୍ଯ୍ୟ କରୁଛି। ଏସବୁ ଖଣି ବିଦ୍ରୋହୀ ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ ହେଉଛି। ଏହି ଅଞ୍ଚଳରେ ଦୁଇଟି ବିଦ୍ରୋହୀ ଗୋଷ୍ଠୀ ସକ୍ରିୟ ଅଛନ୍ତି। ସେମାନଙ୍କ ମଧ୍ୟରେ କଲମ୍ବିଆର ରିଭୋଲ୍ୟୁସନାରୀ ସଶସ୍ତ୍ର ବାହିନୀର ପୂର୍ବତନ ସଦସ୍ୟଙ୍କ ନେତୃତ୍ୱରେ ଜାକୋବୋ ଆରେନାସ୍ ବ୍ଲକ କାର୍ଯ୍ୟ କରୁଛି। ଏହି ଗୋଷ୍ଠୀ ୨୦୧୬ରେ କଲମ୍ବିଆ ସରକାରଙ୍କ ସହିତ ଏକ ଶାନ୍ତି ଚୁକ୍ତିନାମାରେ ଯୋଗ ଦେବାକୁ ମନା କରିଥିଲା।

# ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଜୟା ଦଶମୀରୁ କାର୍ଯ୍ୟକାରୀ

**ନୂଆଦିଲ୍ଲୀ:** ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଜୟା ଦଶମୀ ଅବସରରେ କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ୨୧ ସେପ୍ଟେମ୍ବର ୨୦୨୬ରେ ଏହା ଘୋଷଣା କରିଥିଲେ। ଏହି ଚୁକ୍ତିନାମାକୁ ନ୍ୟୁଜିଲାଣ୍ଡ ସଂସଦ ଅନୁମୋଦନ କରିସାରିଛି। ସେପ୍ଟେମ୍ବର ୧୬ ରେ ଭାରତ ସହିତ ହୋଇଥିବା ଚୁକ୍ତିନାମା ସପକ୍ଷରେ ୯୩ ସଦସ୍ୟ ଭୋଟ୍ ଦେଇଥିଲେ। ବିପକ୍ଷରେ ୨୯ ଭୋଟ୍ ପଡ଼ିଥିଲା। ଏହି ସୂଚନା ନ୍ୟୁଜିଲାଣ୍ଡର ବାଣିଜ୍ୟ ଏବଂ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକଲେ ଦେଇଥିଲେ। ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଏହି ଚୁକ୍ତିନାମା ଉପରେ ଖୁସି ପ୍ରକାଶ କରିଛନ୍ତି। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ କହିଥିଲେ, ପ୍ରାୟ ତିନି ବର୍ଷ ପୂର୍ବେ, ମୁଁ ପ୍ରତିଶ୍ରୁତି ଦେଇଥିଲି ଯେ, ଯଦି ଆମ ଦଳ ନିର୍ବାଚିତ ହୁଏ ତେବେ ଆମେ ଆମର ପ୍ରଥମ କାର୍ଯ୍ୟକାଳରେ ଭାରତ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସୁରକ୍ଷିତ କରିବୁ। ଆମେ ସେହି



ଚୁକ୍ତିକୁ ଚୂଡ଼ାନ୍ତ କରିଛୁ, ଯାହା ଆସନ୍ତା ମାସରୁ କାର୍ଯ୍ୟକାରୀ ହେବ। ସେ କହିଛନ୍ତି ଯେ ଏହା ରପ୍ତାନିକାରୀଙ୍କ ପାଇଁ ଅଧିକ ସୁଯୋଗ, ବ୍ୟବସାୟ ପାଇଁ ଦୃଢ଼ ଅଭିବୃଦ୍ଧି ଏବଂ ନ୍ୟୁଜିଲାଣ୍ଡ ପାଇଁ ଅଧିକ ନିଯୁକ୍ତି ଏବଂ ଆୟ ସୃଷ୍ଟି କରିବ।

### ୫୭ ପ୍ରତିଶତ ଶୁଳ୍କମୁକ୍ତ ହେବ

ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ , ଭାରତରେ ନ୍ୟୁଜିଲ୍ୟାଣ୍ଡର ରପ୍ତାନିର ୫୭ ପ୍ରତିଶତ ଶୁଳ୍କମୁକ୍ତ ହେବ। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ୯୫ ପ୍ରତିଶତ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରାଯିବ କିମ୍ବା ଯଥେଷ୍ଟ ହ୍ରାସ କରାଯିବ। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ, କେବଳ କିୱିଫ୍ରୁଟ୍ ଶିଳ୍ପ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୧୨୫ ନିୟୁତ ନ୍ୟୁଜିଲ୍ୟାଣ୍ଡ୍ ଡଲାର ଶୁଳ୍କ ସଞ୍ଚୟ କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଦ୍ରୁତ ସୀମା କ୍ଲିୟରାନ୍ସ ଏବଂ ଭାରତର ବର୍ଦ୍ଧିତ ମଧ୍ୟବିତ୍ତ ବର୍ଗକୁ ଉତ୍ତମ ପ୍ରବେଶ ପ୍ରଦାନ କରିବ, ଯାହା ଖାଦ୍ୟ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ପର୍ଯ୍ୟଟନ, ବୃତ୍ତିଗତ ସେବା ଏବଂ ଅନ୍ୟାନ୍ୟ ଉତ୍ପାଦର ଚାହିଦାକୁ ବୃଦ୍ଧି କରିବ।

ଭାରତ-ନ୍ୟୁଜିଲାଣ୍ଡ ଆଲୋଚନା ମାର୍ଚ୍ଚ ୨୦୨୫ ରେ ଘୋଷଣା କରାଯାଇଥିଲା ଏବଂ ଏହି ଚୁକ୍ତିନାମା ବର୍ତ୍ତମାନ ଅକ୍ଟୋବର ୨୦ ବିଜୟା ଦଶମୀରୁ କାର୍ଯ୍ୟକାରୀ ହୋଇଛି। ଏହା ରପ୍ତାନିକାରୀମାନଙ୍କୁ ସେମାନଙ୍କର ବ୍ୟବସାୟିକ ସମ୍ପର୍କ ବିସ୍ତାର କରିବାରେ ଏବଂ ୨୦୩୦ ସୁଦ୍ଧା ବାଣିଜ୍ୟ ଦ୍ୱିଗୁଣିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ଏହି ଚୁକ୍ତିନାମା ବିଶ୍ୱ ସ୍ତରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ବହନ କରୁଛି। ଗତ କିଛି ବର୍ଷ ମଧ୍ୟରେ ଭାରତ ଏହାର ବାଣିଜ୍ୟ ନୀତିରେ ସକାରାତ୍ମକ ଏବଂ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଓମାନ, ୟୁକେ ଇଏଫଟିଏ ଦେଶ, ୟୁଏଇ, ଅଷ୍ଟ୍ରେଲିଆ ଏବଂ ମରିସସ ସହିତ ହୋଇଥିବା ଚୁକ୍ତିନାମା ପରେ ଭାରତର ସପ୍ତମ ପ୍ରମୁଖ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନ୍ୟୁଜିଲାଣ୍ଡ ସହ ହୋଇଛି।

# ଚନ୍ଦ୍ରକୁ ମହାକାଶ ଯାନ ପଠାଇଲା ଜାପାନ

ଟୋକିଓ: ଜାପାନ ଏକ ଅତ୍ୟନ୍ତ ମହତ୍ତ୍ୱାକାଂକ୍ଷୀ ମହାକାଶ ମିଶନ ଆରମ୍ଭ କରିଛି। ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସି ମଙ୍ଗଳ ଗ୍ରହର ରହସ୍ୟମୟ ଚନ୍ଦ୍ରରୁ ନମୁନା ସଂଗ୍ରହ କରିବା ପାଇଁ ଏକ ଅଭୂତପୂର୍ବ ଅଭିଯାନ ଅନ୍ତର୍ଗତ ମହାକାଶଯାନ ଉତକ୍ଷେପଣ କରିଛି। ମାର୍ଟିଆନ୍ ମୁନ୍ସ ଏକ୍ସପ୍ଲୋରେସନ୍ (ଏମଏମଏକ୍ସ) ନାମକ ଏହି ମହାକାଶଯାନ ଜାପାନର ଏଚ-୩ ରକେଟ୍ ଦ୍ୱାରା ଉତକ୍ଷେପଣ କରାଯାଇଛି।

ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସି ଦ୍ୱାରା ପରିଚାଳିତ ଏହି ପାଞ୍ଚ ବର୍ଷର ମିଶନ ପାଇଁ ବିଶ୍ୱର ପାଞ୍ଚଟି ମହାକାଶ ସଂସ୍ଥା ଏକାଠି ହୋଇଛନ୍ତି। ଅନ୍ୟ ମହାକାଶ ସଂସ୍ଥାଙ୍କ ମଧ୍ୟରେ ନ୍ୟାସନାଲ୍ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେସନ୍, ସେଣ୍ଟର୍ ନ୍ୟାସନାଲ୍ ଡି'ଟୁଡସ୍ ସ୍ପାଟିଆଲେସ୍, ଜର୍ମାନ ଏରୋସ୍ପେସ୍ ସେଣ୍ଟର ଏବଂ ୟୁରୋପୀୟ ମହାକାଶ ସଂସ୍ଥା(ଇଏସଏ) ରହିଛନ୍ତି।ଏହି ମିଶନର ଲକ୍ଷ୍ୟ ମଙ୍ଗଳ ଗ୍ରହର ଚନ୍ଦ୍ର ଫୋବୋସ୍ ଖରୁ ନମୁନା ସଂଗ୍ରହ କରିବା।

ଫୋବୋସ୍ ହେଉଛି ମଙ୍ଗଳ ଗ୍ରହର ଦୁଇଟି ଛୋଟ ଚନ୍ଦ୍ର ମଧ୍ୟରୁ ଗୋଟିଏ ଏବଂ ଏହା ଗ୍ରହର ସବୁଠାରୁ ନିକଟତର। ଏହି ମହାକାଶଯାନ ଆସନ୍ତା ବର୍ଷ ଅଗଷ୍ଟରେ ମଙ୍ଗଳ ଗ୍ରହର କକ୍ଷପଥରେ ପହଞ୍ଚିବ। ଏହା ଫୋବୋସ୍ ଉପରେ ଏକ ରୋବୋଟିକ୍ ପ୍ରୋବ୍ ଏବଂ ଏକ ରୋଭର ଅବତରଣ କରିବ। ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସି କହିଛି ଯେ, ଏହି ମିଶନ ୧୦ ଗ୍ରାମ ମାଟି ଏବଂ ପଥର ନମୁନା ସଂଗ୍ରହ କରିବ। ଏହା ୨୦୩୧ରେ ପୃଥିବୀକୁ ଫେରିବ। ଆମେରିକାର ମହାକାଶ ସଂସ୍ଥା ନାସା ଏପର୍ଯ୍ୟନ୍ତ ମଙ୍ଗଳ ଗ୍ରହରେ ନଅଟି ମହାକାଶଯାନକୁ ସଫଳତାର ସହ ଅବତରଣ କରିଛି। ଚୀନ୍ ମଧ୍ୟ ୨୦୨୧ ମସିହାରେ ମଙ୍ଗଳ ଗ୍ରହରେ ନିଜର ମହାକାଶଯାନ ଅବତରଣ କରିଥିଲା। ତେବେ କୌଣସି ମିଶନ ଫୋବୋସ୍ କିମ୍ବା ମଙ୍ଗଳର ଦ୍ୱିତୀୟ ଚନ୍ଦ୍ର ଡିମୋସ୍ ପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ। କେହି କେବେ ମଙ୍ଗଳ ଗ୍ରହ କିମ୍ବା ଏହାର ଚନ୍ଦ୍ରରୁ ନମୁନା ସଫଳତାର ସହ ଫେରାଇ ଆଣି ନାହାନ୍ତି। ଫୋବୋସ୍ ମଙ୍ଗଳ ଗ୍ରହ ପୃଷ୍ଠରୁ ୬ ହଜାର କିଲୋମିଟର



ଦୂରରେ ଅବସ୍ଥିତ। ଏହି ଗର୍ତ୍ତଯୁକ୍ତ ଚନ୍ଦ୍ର ସାଢ଼େ ୨୨ କିଲୋମିଟର ବ୍ୟାସ ବିଶିଷ୍ଟ। ଦିନକୁ ଏହା ତିନିଥର ମଙ୍ଗଳ ଗ୍ରହକୁ ପରିକ୍ରମା କରିଥାଏ। ମଙ୍ଗଳବାର ଭୋର୍ ୪ଟା ୪୧ ରେ ଜାପାନର ତାନେଗାସିମା ସ୍ପେସ୍ ସେଣ୍ଟରରୁ ମାର୍ସିଆନ୍ ମୁନ୍ ଏକ୍ସପ୍ଲୋରେସନ୍ ସ୍ପେସ୍ସିପ୍ ଉତ୍‌କ୍ଷେପଣ କରାଯାଇଛି। ଉତ୍‌କ୍ଷେପଣର ଗୋଟିଏ ଘଣ୍ଟା ପରେ ରକେଟର ଉପର ପର୍ଯ୍ୟାୟରୁ ଅନ୍ତରୀକ୍ଷ ସ୍ଥାନଟି ଅଲଗା ହୋଇଯାଇଥିଲା। ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସି ବୈଜ୍ଞାନିକମାନେ ଉତ୍‌କ୍ଷେପଣକୁ ସଫଳ ଘୋଷଣା କରିଛନ୍ତି।

ଏହି ମିଶନରେ ୫୭୮ ନିୟୁତ ଡଲାର ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିରେ ଏକ ୫ ଟନ୍ ଓଜନର ମହାକାଶଯାନ ଅନ୍ତର୍ଭୁକ୍ତ ରହିଛି। ଆସନ୍ତା ଗ୍ରୀଷ୍ମ ଋତୁରେ ମଙ୍ଗଳ ଗ୍ରହରେ ପହଞ୍ଚିବା ପରେ, ଏହା ଏକ ଛୋଟ ଫରାସୀ-ଜର୍ମାନ ରୋଭର ଛାଡିବ। ଯଦି ସବୁକିଛି ଯୋଜନା ଅନୁଯାୟୀ ହୁଏ, ତେବେ ଏହି ଚାରି ଚକିଆ ରୋଭର କିଛି ମିନିଟ୍ ପାଇଁ ଫୋବୋସର ପୃଷ୍ଠରେ ଉଡ଼ିବ ଏବଂ ତା'ପରେ ସେଠାରେ ରହିବ।

# ଦଶହରାରେ ଜଳିଗଲା ରାବଣ

**ଭୁବନେଶ୍ୱର:** ଯୁଗେ ଯୁଗେ ଅଧର୍ମ ଉପରେ ଧର୍ମର ବିଜୟ ଓ ଅସତ୍ୟ ଉପରେ ସତ୍ୟର ବିଜୟ ହୁଏ । ଏହି ବିଶ୍ୱାସର ବାର୍ତ୍ତା ନେଇ ଆସେ ବିଜୟା ଦଶମୀ । ମା' ଦୁର୍ଗାଙ୍କ ଆଶିଷ ଲାଭ କରି ପ୍ରଭୁ ରାମଚନ୍ଦ୍ର ସେଦିନ ଅର୍ଧମର ପ୍ରତୀକ ରାବଣଙ୍କୁ ବଧ କରିଥିଲେ। ଏହାପରେ ପାଳନ ହୋଇଥିଲା ବିଜୟା ଦଶମୀ ଓ ସେବେଠୁ ରାବଣ ଦହନ ଏକ ପର୍ବ ଭାବେ ପାଳିତ ହୋଇଆସୁଛି। ଷୋଳଦିନର ଧରାବତରଣ ପରେ ପବିତ୍ର ବିଜୟା ଦଶମୀରେ ଶ୍ରଦ୍ଧାଳୁଙ୍କୁ ଶେଷ ଦର୍ଶନ ଦେବା ସହ ଧରାପୃଷ୍ଠରୁ ବିଦାୟ ନେବାକୁ ଯାଉଛନ୍ତି ଜଗଜ୍ଜନନୀ ମା' ଦୁର୍ଗା। ଏଥିପାଇଁ ରାଜଧାନୀରେ ୫ ଦିନ ଧରି ପୂଜାମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ଲାଗିଥିଲା । ରସୁଲଗଡ଼, ପଳାଶୁଣୀ, ସହିଦନଗର, ନୂଆପଲ୍ଲୀ, ବରମୁଣ୍ଡା, ବମିଖାଲ, ଷ୍ଟେସନ୍ ବଜାର, ବଡ଼ଗଡ଼, ୟୁନିଟ୍-୧ ଆଦି ପୂଜାମଣ୍ଡପ ସବୁଠି ରାତିତମାମ ଶ୍ରଦ୍ଧାଳୁମାନେ ମା'ଙ୍କ ଆଶିଷ ଲାଭ କରିଥିଲେ ଷଷ୍ଠୀଠାରୁ ମା'ଙ୍କୁ ଦର୍ଶନର ସୌଭାଗ୍ୟ ଅର୍ଜିଥିବା ଶ୍ରଦ୍ଧାଳୁ ଆଜି ଶେଷ ଦିନରେ ମନଭରି ମା'ଙ୍କୁ ଦେଖି ଲୋତକ ଝରାଇଛନ୍ତି ଷଷ୍ଠୀଠାରୁ ପୂଜାମଣ୍ଡପଗୁଡ଼ିକରେ ଯେଉଁଳି ଭିଡ଼ ଲାଗିଥିଲା, ଆଜି କେତେକାଂଶରେ ଭିଡ଼ କମିଛି।

ଭୁବନେଶ୍ୱରର ୯ଟି ସ୍ଥାନରେ ରାବଣପୋଡ଼ି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ନୂଆପଲ୍ଲୀ କସ୍ତୁରବା ଖେଳପଡ଼ିଆ, ବରମୁଣ୍ଡା ଖେଳପଡ଼ିଆ, କୋରଡ଼କଣ୍ଟା ଖେଳପଡ଼ିଆ, ବାଙ୍ଗୁଆଳ ସହ ଅନ୍ୟ ସ୍ଥାନରେ ମହାସମାରୋହରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଯାଇଛି।







ନୂଆପଲ୍ଲୀରେ କେବଳ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ବରମୁଣ୍ଡା, କୋରଡ଼କଣ୍ଟା ଓ ଅନ୍ୟ ସ୍ଥାନରେ ବାଜା, ବାଣରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଛି। ନୂଆପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ଉପଦେଷ୍ଟା ନବକିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ନୂଆପଲ୍ଲୀ ରାବଣପୋଡ଼ି ଉତ୍ସବରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଶ୍ରଦ୍ଧାଳୁଙ୍କ ମଜାକୁ ପାଣିଚିଆ କଲା ଭିଡ଼

**ଭୁବନେଶ୍ୱର:** ଚଳିତବର୍ଷ ଦୁର୍ଗାପୂଜାରେ ଭିଡ଼ ନିୟନ୍ତ୍ରଣରେ ପୁଲିସ ବିଫଳ ହୋଇଛି। ଟ୍ରାଫିକ୍ ଅବ୍ୟବସ୍ଥା ଶ୍ରଦ୍ଧାଳୁଙ୍କୁ ଭିଡ଼ ଭିତରେ ଘଣ୍ଟାଘଣ୍ଟା ଫସାଇ ରଖିବା ସହ ଅସହ୍ୟ ଯନ୍ତ୍ରଣା ଦେଇଛି। ଦୁଇଚକିଆ, ଚାରିଚକିଆ ତ' ଦୂରର କଥା ଚାଲି ଚାଲି ଯାଉଥିବା ଶ୍ରଦ୍ଧାଳୁମାନେ ବି ଏହି ଭିଡ଼ରୁ ବର୍ତ୍ତିନାହାନ୍ତି। ଆମ୍ବୁଲାନ୍ସ ବି ଏହି ଭିଡ଼ରେ ଫସିଥିଲା। ଜରୁରିକାଳୀନ ସେବା ଗୁରୁତର ପ୍ରଭାବିତ ହୋଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ବି ରସୁଲଗଡ଼, ବମିଖାଲ, ପଳାଶୁଣୀ, ବରମୁଣ୍ଡା, ନୟାପଲ୍ଲୀ ଛକରେ ଶ୍ରଦ୍ଧାଳୁମାନେ ନାକରେ କାନ୍ଦିଛନ୍ତି। ବଡ଼ ବଡ଼ ଗାଡ଼ି ସବୁ ରାସ୍ତା ଉପରେ ପାର୍ଟି ହୋଇଥିବାରୁ ଅନେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ରାତି ୨ଟାରେ ବି ଏହି ଭିଡ଼ରୁ ଲୋକେ ବର୍ତ୍ତିନାହାନ୍ତି। ଏଥିପାଇଁ କୁଆଖାଇ ବ୍ରିଜ୍‌ଠାରୁ ରସୁଲଗଡ଼ ଛକ, ବାଣୀବିହାର ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ହୋଇଥିବାବେଳେ କଟକରୋଡ୍‌ରେ ଭିଡ଼ରେ ହଜାର ହଜାର ଲୋକେ ଫସିଥିଲେ । ରସୁଲଗଡ଼ ଛକରେ ଦୁଇଚକିଆ, ଅଟୋ, ଚାରିଚକିଆ କାର୍ ସବୁ ରାସ୍ତାର ଦୁଇପାର୍ଶ୍ୱରେ ବାଣୀବିହାର ପର୍ଯ୍ୟନ୍ତ ପାର୍କିଂ କରିଥିବାରୁ ଯା'ଆସ ରାସ୍ତା ସଂକୁଚିତ ହେବା



ସହ ଲୋକେ ଅଯଥା ଭିଡ଼ରେ ଫସିଥିଲେ। ସମାନ ସ୍ଥିତି ବମିଖାଲ, ଷ୍ଟେସନ୍‌ବଜାରଠାରେ ଦେଖିବାକୁ ମିଳିଥିଲା। କଳ୍ପନା ଛକରୁ ରସୁଲଗଡ଼ ପର୍ଯ୍ୟନ୍ତ ଭିଡ଼ ଭିତରେ ଶ୍ରଦ୍ଧାଳୁ ଯା'ଆସ କରିଥିଲେ ।

# ୯୦ ଲକ୍ଷର ରାସ୍ତା, ୫ ଦିନରେ ଉଠିଗଲା ପିଚୁ !

ରାସ୍ତା ନିର୍ମାଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ, ହେଲେ କାମର ମାନକୁ ନେଇ ଉଠିଲା ବଡ଼ ପ୍ରଶ୍ନ। ନିର୍ମାଣର ମାତ୍ର ୫ ଦିନ ନ ପୂରୁଣୁ ରାସ୍ତାରୁ ଉଠିଯାଉଛି ପିଚୁ। ହାତ ମାରିଦେଲେ ଉଠିଯାଉଛି ରାସ୍ତାର ଆସ୍ତରଣ । ଏଭଳି ନିମ୍ନମାନର କାମ ଯୋଗୁଁ ହଇରାଣ ହେଉଛନ୍ତି ସାଧାରଣ ଲୋକେ । ରାଉରକେଲାରୁ ଆସିଛି ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗର ଏକ ଚିତ୍ର ।



ରାଉରକେଲା ବାସନ୍ତୀ କଲୋନୀ ପାହାଡ଼ ଶିବ ମନ୍ଦିରରୁ ଉଦିତନଗର ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାର ଏଭଳି ଅବସ୍ଥା ଦେଖିବାକୁ ମିଳିଛି । ଦୁର୍ଗାପୂଜାର ଦୁଇ ଦିନ ପୂର୍ବରୁ ଏହି ରାସ୍ତା ନିର୍ମାଣ ହୋଇଥିଲା । ହେଲେ ମାତ୍ର କିଛି ଦିନ ମଧ୍ୟରେ ପିଚୁ ଉଠିବା ଆରମ୍ଭ ହୋଇଛି । ରାତାରାତି କାମ ସରିଥିବା ବେଳେ ଏବେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିର୍ମାଣରେ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ତେବେ ଏତେ ଟଙ୍କା ବ୍ୟୟ ସତ୍ତ୍ୱେ ମାତ୍ର ୫ ଦିନ ମଧ୍ୟରେ ରାସ୍ତାରୁ ପିଚୁ ଉଠିବା କାମର ଗୁଣବତ୍ତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଆଗକୁ ବର୍ଷା ହେଲେ ରାସ୍ତାର ଅବସ୍ଥା ଆହୁରି ଖରାପ ହେବାର ଆଶଙ୍କା ମଧ୍ୟ ରହିଛି । ଏତେ ଶୀଘ୍ର ରାସ୍ତା ଖରାପ ହେବା ପାଇଁ ଦାୟୀ କିଏ ? ନିର୍ମାଣ ସମୟରେ ଗୁଣବତ୍ତା ଯାଞ୍ଚ ହୋଇଥିଲା ତ ? ବିଭାଗୀୟ ଅଧିକାରୀ ଠିକ୍ ଭାବେ ତଦାରଖ କରିଥିଲେ କି? ନା କେବଳ କାଗଜପତ୍ରରେ କାମକୁ ଠିକ୍ ଦର୍ଶାଯାଇଛି ? ଏଭଳି ଅନେକ ପ୍ରଶ୍ନ ଏବେ ଉଠିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ । ଅନ୍ୟପଟେ, ଏହି ରାସ୍ତା ନିର୍ମାଣରେ ହୋଇଥିବା ଅଭିଯୋଗର ଭିଜିଲାନ୍ସ ତଦନ୍ତ କରାଯିବା ଆବଶ୍ୟକ ବୋଲି ରାଉରକେଲା ମହାନଗର ନିଗମର ପୂର୍ବତନ ଅଧ୍ୟକ୍ଷ ମତ ଦେଇଛନ୍ତି ।

# ପୂଜାରେ ବି ରାଜନୀତି ଜମିଲା

ଭୁବନେଶ୍ୱର : ୨୦୨୭ରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ହୋଇପାରେ। ହାତରେ ଆଉ ୬ ମାସରୁ କମ୍ ସମୟ ହେଲେ କର୍ପୋରେଟର ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ତାଲିକା ଲମ୍ବିବାରେ ଲାଗିଛି। ଗୋଟିଏ କି ଦୁଇଟି ୱାର୍ଡ ନୁହେଁ, ବରଂ ଭୁବନେଶ୍ୱରର ସମସ୍ତ ୬୭ ୱାର୍ଡରେ ସମାନ ଚିତ୍ର ଦେଖିବାକୁ ମିଳୁଛି । ରାସ୍ତାପାର୍ଶ୍ୱରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ, ସବୁଠି ଛାଇଯାଇଛି ଆଶାୟୀଙ୍କ ପାର୍ବଣର ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା । ଶୁଭେଚ୍ଛା ଆଳରେ ଆଶାୟୀମାନେ ନିଜର ଦବଦବା ଜାହିର କରିଛନ୍ତି। କିଏ ଭୁବନେଶ୍ୱର ସାଂସଦଙ୍କ ଫଟୋ ସହ ବ୍ୟାନର ଲଗାଇଛନ୍ତି ତ ଆଉ କିଏ ବିଧାୟକଙ୍କ ଫଟୋକୁ ବ୍ୟାନ ?ରେ ସ୍ଥାନ ଦେଇଛନ୍ତି। କେହି କେହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇ ଶୁଭେଚ୍ଛା ଜଣାଇଛନ୍ତି । ଭୁବନେଶ୍ୱର ମେୟର, ବିଜେଡି ବିଧାୟକ ଓ କର୍ପୋରେଟରଙ୍କ ବ୍ୟାନର ଲାଗିଛି। କାଁ ଭାଁ ସ୍ଥାନରେ କଂଗ୍ରେସ ନେତାଙ୍କ ବ୍ୟାନର ଝୁଲୁଛି। କେବଳ ବ୍ୟାନର ସୀମିତ ନାହିଁ ଏଥରର ପୂଜା ରାଜନୀତି ଜନସମ୍ପର୍କ ବଢ଼ାଇବାକୁ ଭୁବନେଶ୍ୱରିଆ ନେତାମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଛନ୍ତି ଗୋଟିଏ ଗୋଟିଏ ଦିନରେ ବିଧାୟକମାନେ ୧୫ରୁ ୨୦ ପୂଜା ମଣ୍ଡପ ବୁଲିବାର ରେକର୍ଡ ସୃଷ୍ଟି କରିଛନ୍ତି। ଏକାମ୍ର ହେଉ କି ଭୁବନେଶ୍ୱର ଉତ୍ତର ଅଥବା ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ । ବିଧାୟକମାନେ କୌଣସି ବି ପରିସ୍ଥିତିରେ ପୂଜା ମଣ୍ଡପ ବୁଲାକୁ ଆଦୌ ଭୁଲି ନାହାନ୍ତି। ପୂର୍ବାହ୍ଣରୁ ରାତି ଅଧ ପର୍ଯ୍ୟନ୍ତ, ନିମନ୍ତ୍ରଣ ରକ୍ଷା କରି ସମର୍ଥକଙ୍କ ସହ ମଣ୍ଡପ କର୍ମକର୍ତ୍ତାଙ୍କୁ ଭେଟିଛନ୍ତି। ମା'ଙ୍କ ଦର୍ଶନ ଓ ଲୋକଙ୍କୁ ଭେଟି ସମର୍ଥନ ଯୋଗାଡ଼ରେ ଲାଗିପଡ଼ିଛନ୍ତି। ବିଧାୟକଙ୍କ ପ୍ରାର୍ଥୀମାନେ ମଧ୍ୟ ସାମିଲ ହେଉଛନ୍ତି । ସହ ସ୍ଥାନୀୟ କର୍ପୋରେଟର, ଆଶାୟୀ କର୍ପୋରେଟର ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ମାଳ ମାଳ ନେତା ମଣ୍ଡପ ବୁଲିବା ରାଜଧାନୀ ପୂଜା ରାଜନୀତିକୁ ଅଧିକ ସରଗରମ କରିଛି। ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦୀ ବିଧାୟକ ଅନନ୍ତ ନାରାୟଣ ଜେନା ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ନିଜ ନିଜ ସମର୍ଥକଙ୍କ ସହ ପୂଜା ମଣ୍ଡପ ବୁଲି ଶକ୍ତି ପ୍ରଦର୍ଶନ କରିଥିଲେ। ଜଗନ୍ନାଥ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ପୂଜାରେ ଏକାଠି ଦେଖିବାକୁ ମିଳିଛି। ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳଣ ପଡ଼ିଆରେ ହେଉଥିବା ପୂଜାରେ ଅପରାଜିତାଙ୍କ ଯୋଗଦାନ ଓ ଉଭୟଙ୍କ ମଧ୍ୟରେ ବାର୍ତ୍ତାଳାପ ରାଜନୀତିକୁ ଅଧିକ ଖୋରାକ ଯୋଗାଇଥିଲା । ଏମାନଙ୍କ ବ୍ୟତୀତ ବିଜେପି ନେତା ରୁଦ୍ରପ୍ରସାଦ ସାମନ୍ତରାୟ, ରାଣାପ୍ରତାପ ପାତ୍ର, ବିଜେଡି ନେତା ଅମରେଶ ଜେନା, ଭୁବନେଶ୍ୱର ସାଙ୍ଗଠନିକ କଂଗ୍ରେସ ଜିଲ୍ଲା ସଭାପତି ପ୍ରକାଶ ଜେନା ପ୍ରମୁଖ ମଣ୍ଡପ ବୁଲିଥିଲେ । ଅନୁରୂପ ଭାବେ ଭୁବନେଶ୍ୱର ଉତ୍ତରରେ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ ପୂର୍ବତନ ବିଧାୟକ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟଦର୍ଶୀ ମିଶ୍ର, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ଚନ୍ଦ୍ର ରାଉତ, କଂଗ୍ରେସ ମୁଖପାତ୍ର କୃଷ୍ଣଚନ୍ଦ୍ର ପତି, ବିଜେପି ନେତା ଗୋଲକ ମହାପାତ୍ର ପ୍ରମୁଖ ବିଭିନ୍ନ ମଣ୍ଡପ ବୁଲିଛନ୍ତି। ଏକାମ୍ର ଭୁବନେଶ୍ୱରରେ ବିଧାୟକ ବାବୁ ସିଂହଙ୍କ ସମେତ ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଜେପି ନେତା ସମୀର ମହାନ୍ତି, କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ବିଜେଡି ନେତା ସଂଗ୍ରାମ ପାଇକରାୟ, ବିରଞ୍ଚି ନାରାୟଣ ମହାସୁପକାର, ରାଜେନ୍ଦ୍ର ସମର୍ଥା, ଅମୀୟ ଦାଶ ପ୍ରମୁଖ ପୁରୁଣା ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲିଥିଲେ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ ତିନୋଟି ଯାକ ନିର୍ବାଚନ ମଣ୍ଡଳୀ ବୁଲିଥିଲେ । ଭୁବନେଶ୍ୱରିଆ ନେତାଙ୍କ ବ୍ୟତୀତ ବାଚସ୍ପତି ସୁରମା ପାଢ଼ୀ, ସାଂସଦ ଦିଲୀପ ରାୟ ଓ ପ୍ରଦୀପ ପାଣିଗ୍ରାହୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା ପ୍ରମୁଖ ପୂଜାମଣ୍ଡପ ବୁଲିବା ନୂଆ ରାଜନୈତିକ ଚର୍ଚ୍ଚା ପାଲଟିଛି।

# କାର୍ ଧକ୍କାରେ ଭାଙ୍ଗିଲା ୬ଗାଡ଼ି, ୯ ଆହତ

## ଲୋକଙ୍କ ମାଡ଼ରେ ଚାଳକ ଦରମରା, କାର୍ ଚୂନା

**ଭୁବନେଶ୍ୱର :** ଦଶହରା ମେଢ଼ ଦେଖିବା ଲାଗି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରୁ ଗତ ୪ଦିନ ହେଲା ରାଜଧାନୀରେ ରାତିରେ ଟ୍ରାଫିକ୍ ଜାମ୍ ସ୍ଥିତି ଉପୁଜିଥିଲା। କଟକରୋଡ୍, ଜୟଦେବବିହାର-ନନ୍ଦନକାନନ ରାସ୍ତା, ଲୁଇସ୍‌ରୋଡ୍ ଆଦି ରାସ୍ତାରେ ଗାଡ଼ି ଗଡ଼ିବା ସହଜ ନଥିଲା । କିନ୍ତୁ ଏହା ଭିତରେ ଜଣେ ନିଶାସକ୍ତ କାର୍ ଚାଳକର ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଥିଲା ରସୁଲଗଡ଼ ଛକରେ। ମଙ୍ଗଳବାର ବିଳମ୍ବିତ ରାତିରେ ମଦ୍ୟପ ଚାଳକଜଣକ ଚଳାଉଥିବା ଏସ୍‌ୟୁଭି ଗାଡ଼ିଟି ପ୍ରବଳ ଭିଡ଼ ଭିତରେ ୨ଟି କାରକୁ ପିଟିବା ପରେ ୪ଟି ବାଇକ୍‌କୁ ଧକ୍କା ଦେଇଥିଲା। ଏହି ସିରିଜ୍ ଦୁର୍ଘଟଣାରେ ୯ଜଣ ଆହତ ହୋଇଥିଲେ । ସେହିଭଳି ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ କାର୍ ଚାଳକ ଦରମରା ହୋଇଯାଇଥିବା ବେଳେ ଏସ୍‌ୟୁଭି ଗାଡ଼ିଟି ଭାଙ୍ଗିରୁଜି ଯାଇଥିଲା। ପୁଲିସ ବଡ଼ କଷ୍ଟରେ କାର୍ ଚାଳକକୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ମୁକାଳାଇଥିଲା । ସୂଚନାନୁସାରେ ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପ ନିକଟରେ ପ୍ରବଳ ଭିଡ଼ ହୋଇଥିବାରୁ ବମିଖାଲ ପର୍ଯ୍ୟନ୍ତ ଟ୍ରାଫିକ ଜାମ ହୋଇଯାଇଥିଲା । ଏମିତି ଭିଡ଼ ଭିତରେ ଏସ୍‌ୟୁଭି ଗାଡ଼ିଟି ଦ୍ରୁତଗତିରେ ଆସି ୪ଟି ବାଇକ୍‌କୁ ପିଟିବା ପରେ ଦୁଇଟି କାରକୁ ଧକ୍କା ଦେଇଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକେ ଏସ୍‌ୟୁଭି ଗାଡ଼ିକୁ ଅଟକାଇ ଚାଳକଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । କିଛି ଲୋକ କାରକୁ ବାଡ଼େଇ ଭାଙ୍ଗି ପକାଇଥିଲେ। ସହିଦନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଏସ୍ୟୁଭି ଚାଳକ ଦରମରା ହୋଇସାରିଥିଲା। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା । ଫଳରେ ଏକ ଭିଡ଼ହିଂସାରୁ ଗାଡ଼ି ଚାଳକ ବର୍ତ୍ତିଯାଇଥିଲେ ।



# ଘାସ ଚାଷ ନାଁରେ ହଜାର ହଜାର ଗଛ କଟା !

**ରେଢାଖୋଲ :** ଘାସ ଚାଷ ପାଇଁ ଜଙ୍ଗଲ ସଫା ! ୨୦ ହେକ୍ଟର ଜମିରେ ହଜାର ହଜାର ମୂଲ୍ୟବାନ ଗଛ କଟାଯାଇଥିବା ଅଭିଯୋଗ ଏବେ ଚର୍ଚ୍ଚାକୁ ଆସିଛି । ଗଛ କଟାଯିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ବନ ବିଭାଗର କାର୍ଯ୍ୟଶୈଳୀକୁ ନେଇ ଉଠିଛି ପ୍ରଶ୍ନ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରୁ ଆସିଛି ଏଭଳି ଅଭିଯୋଗ ।

ଖଳାଶୁଣୀ ବନ୍ୟପ୍ରାଣୀ ବନାଞ୍ଚଳର କିସିଣ୍ଡା ଅନ୍ତର୍ଗତ ଗୋଇଲମୁଣ୍ଡି ଓ ଭୁଲକି ଉପରମୁଣ୍ଡରେ ପୂର୍ବରୁ ଘଞ୍ଚ ଜଙ୍ଗଲ ଥିବା କୁହାଯାଉଛି। ହେଲେ ଘାସ ଚାଷ ପାଇଁ ପ୍ରାୟ ୨୦ ହେକ୍ଟର ଅଞ୍ଚଳରେ ଥିବା ହଜାର ହଜାର ମୂଲ୍ୟବାନ ଗଛ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି । ଏନେଇ ଭିଡିଓ ଭାଇରାଲ୍ ହେବା ପରେ ଘଟଣାଟି ପୁଣି ଚର୍ଚ୍ଚାକୁ ଆସିଛି ।

ଗତ ସେପ୍ଟେମ୍ବର ୬ ତାରିଖରେ କନକ ନ୍ୟୁଜ୍‌ରେ ଏହି ଘଟଣା ସମ୍ପର୍କରେ ଖବର ପ୍ରସାରଣ ହୋଇଥିବା ସତ୍ତ୍ୱେ ଏଯାଏଁ ଠୋସ୍ ତଦନ୍ତ ହୋଇନଥିବା ଅଭିଯୋଗ ହୋଇଛି। ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଜଙ୍ଗଲରେ ଏତେ ସଂଖ୍ୟକ ଗଛ କାଟି ଘାସ ଚାଷ କରିବାକୁ ଅନୁମତି ଦେଲା କିଏ ? ସାଧାରଣ ଲୋକେ କାଠ ନେଲେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ଏତେ ବଡ଼ ଧରଣର ବୃକ୍ଷଛେଦନ ଅଭିଯୋଗ ପରେ କାହିଁକି ତଦନ୍ତ ହେଉନାହିଁ, ତାକୁ ନେଇ ପ୍ରଶ୍ନ ଉଠିଛି । ଅନ୍ୟପଟେ, ଭାଇରାଲ୍ ଭିଡିଓଗୁଡ଼ିକୁ 'ଇଓ ଦ୍ୱାରା ତିଆରି' ବୋଲି କହି ଡିଏଫ୍‌ଓ ଘଟଣାକୁ ଏଡ଼ାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଏଭଳି ସମ୍ବେଦନଶୀଳ ଘଟଣାରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ





କରାଯିବାକୁ ଦାବି ହେଉଛି । ତଦନ୍ତ ହେଲେ ଜଙ୍ଗଲ କଟା ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ ।

## ଅଟକିଛି ବ୍ରାହ୍ମଣୀ ଆଡ଼ିବନ୍ଧ

# ବନ୍ୟାରେ ବୁଡୁଛି ସ୍ମାର୍ଟସିଟି, ୧୪ ବର୍ଷ ହେଲା ସରୁନି ଜଳବନ୍ଦୀ ଯନ୍ତ୍ରଣା

**ରାଉରକେଲା:** ପ୍ରତିବର୍ଷ ବର୍ଷାରେ ଉବୁଟୁବୁ ହେଉଛି ସ୍ମାର୍ଟସିଟି। ଜଳବନ୍ଦି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବ୍ରାହ୍ମଣୀନଦୀ ପାର୍ଶ୍ୱରେ ଆଡ଼ିବନ୍ଧ କରିବାକୁ ପୂର୍ବ ସରକାର ସମୟରେ ଘୋଷଣା କରାଯାଇଥିଲା। ବର୍ଷେ କି ଦୁଇବର୍ଷ ନୁହେଁ, ପ୍ରାୟ ୧୪ ବର୍ଷ ଧରି ଏମିତି ଦୟନୀୟ ସ୍ଥିତିରେ ଜୀବନ ଅତିବାହିତ କରୁଥିବା ଲୋକଙ୍କ ଦୁଃଖ ବୁଝିବାକୁ ଯେମିତି କାହା ପାଖରେ ସମୟ ହିଁ ନାହିଁ। ପ୍ରସ୍ତାବିତ ଆଡ଼ିବନ୍ଧ ଯୋଜନାକୁ ସମସ୍ତେ ଭୁଲି ଯାଇଛନ୍ତି।

ବନ୍ୟାଜଳ ରୋକିବାକୁ ସ୍ମାର୍ଟସିଟିର ତଳି ଅଞ୍ଚଳବାସିନ୍ଦାଙ୍କ ପାଇଁ ବ୍ରାହ୍ମଣୀ ନଦୀକୂଳରେ ସରକାର ଆଡ଼ିବନ୍ଧ ଯୋଜନା କରିବାକୁ ପ୍ରସ୍ତାବ ରଖିଥିଲେ। ଉଭୟ ଜିଲ୍ଲା ପ୍ରଶାସନ ଓ ଜଳସେଚନ ବିଭାଗ ଉପଯୁକ୍ତ ସମନ୍ୱୟ ରକ୍ଷା କରି ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ ଏବଂ ରୂପରେଖ ସଂକ୍ରାନ୍ତରେ ରିପୋର୍ଟ ଦେବା କଥା। କିନ୍ତୁ ଉଭୟ ବିଭାଗ ସହରର ଏହି ପ୍ରମୁଖ ସମସ୍ୟାକୁ ପାସୋରି ଯାଇଛନ୍ତି। ଏଥି ସକାଶେ ପ୍ରତିବର୍ଷ ପାନପୋଷ ବାଲୁଘାଟର ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କୁ ଜଳବନ୍ଦି ଜୀବନ ବିତାଇବାକୁ ପଡୁଛି। ଏସବୁ ବସ୍ତିଗୁଡ଼ିକ ମଧ୍ୟରେ ରହିଛି ପଲ୍‌ପଲ୍ ବସ୍ତି, ନୂଆ ବସ୍ତି, ଝରା ବସ୍ତି, କୁମ୍ଭାରପଡ଼ା, ବାଲୁଘାଟ, ତେଲଗୁପଡ଼ା, ସର୍ଦ୍ଦାର ବସ୍ତି ସମେତ ଦଣ୍ଡିଆପାଲି ଓ ବେଦବ୍ୟାସର କିଛି ଅଞ୍ଚଳ। ବର୍ଷା ଦିନ ଆସିଲେ ଏମାନଙ୍କ ଚିନ୍ତା ବଢ଼ିଯାଏ। ନିକଟରେ ବ୍ରାହ୍ମଣୀନଦୀ ଘାଟର ସୌନ୍ଦର୍ଯ୍ୟୀକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ସ୍ମାର୍ଟସିଟି ପାଣ୍ଠିରୁ ଖର୍ଚ୍ଚ ହୋଇଛି। ପଥରପ୍ୟାକିଂ ନାଁରେ କେବଳ ଠିକାଦାର ପୋଷାଯାଇଛି। ଯାହାକି ସହରବାସୀଙ୍କ କୌଣସି କାମରେ ଆସୁନି। ଜଣେ ପରେ ଜଣେ ଅତିରିକ୍ତ ଜିଲ୍ଲାପାଳ ଓ ଆରଏମ୍‌ସି କମିସନର ଯୋଗ ଦେଉଛନ୍ତି। ପ୍ରତିବର୍ଷ ବନ୍ୟାଜଳରେ କ୍ଷତିଗ୍ରସ୍ତ ପରିବାରଙ୍କୁ କେବଳ ଉଦ୍ଧାର କରି କାମ ସାରି ଦେଉଛନ୍ତି। କେମିତି ପ୍ରସ୍ତାବିତ ଆଡ଼ିବନ୍ଧ ନିର୍ମାଣ ହେବ, କାହାରି ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ।



## ବରିଷ୍ଠ ନାଗରିକ-ସୃଜନଶୀଳ ଜୀବନ

ଜୀବେମ୍ ଶରଦଃ ଶତମ୍। ଭାରତୀୟ ସଂସ୍କୃତିରେ ସମସ୍ତେ ଶତାୟୁ ହେବାର ଆଶା ରଖନ୍ତି ଓ ସୁସ୍ଥରେ ବଂଚିବାକୁ ଚାହାନ୍ତି। ସେଥିପାଇଁ ଏବେ ନୂଆ ଭାରତରେ ଏଭଳି ଅନେକ ଅଗଣିତ କାହାଣୀ ଓ ଘଟଣାବଳୀ ବିଷୟରେ ଶୁଣାଯାଉଛି ଯେଉଁଥିରେ ବରିଷ୍ଠ ନାଗରିକମାନେ ସୁସ୍ଥ, ସବଳ ଓ ନିରାମୟ ଜୀବନ ଅତିବାହିତ କରି ଶତାୟୁ ହେବା ସହିତ ସମାଜରେ ପ୍ରେରଣା ସୃଷ୍ଟି କରୁଛନ୍ତି। ସେମାନଙ୍କ ଜୀବନଚର୍ଯ୍ୟା ଉତ୍ତର ପିଢି ପାଇଁ ପ୍ରେରଣାର ଉତ୍ସ ପାଲଟୁଛି। ଆହୁରି ମଧ୍ୟ ଏସବୁ ଘଟଣା ପ୍ରମାଣିତ କରୁଛି ଯେ ବୟସ ବାର୍ଦ୍ଧକ୍ୟର ପରିମାପକ ନୁହେଁ ଏହା ଏକ ସଂଖ୍ୟାମାତ୍ର। ଯଦି ସୁଯୋଗ ପାଇବେ ବୟସ୍କମାନେ ମଧ୍ୟ ଯୁବବର୍ଗଙ୍କୁ ବିଭିନ୍ନ କାମରେ ପଛରେ ପକାଇପାରିବେ। ବରିଷ୍ଠ ନାଗରିକମାନେ ଦେଶର ସମ୍ପତ୍ତି ଏବଂ ସେମାନଙ୍କ ଅନୁଭବ ଓ ଅନୁଭୂତିରୁ ଭାରତ ଅନେକ ଲାଭ ପାଇବ। ଏହି ବର୍ଗଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ନାନାବିଧ ଯୋଜନା କାର୍ଯ୍ୟକାରୀ କରିଛନ୍ତି।

ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ସମନ୍ୱିତ ଯୋଜନା କାର୍ଯ୍ୟକାରୀ ହେଉଛି। ଏକ ଏନ୍‌ଜିଓ ରିପୋର୍ଟ ଅନୁସାରେ ୨୦୨୨ ସୁଦ୍ଧା ବିଶ୍ୱର ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୧୦ କୋଟି ଅତିକ୍ରମ କରିଛି। ଏହା ବିଶ୍ୱର ମୋଟ ଜନସଂଖ୍ୟାର ୧୪ ଶତାଂଶ। ସେହି ଆକଳନ ଅନୁସାରେ ୨୦୫୦ ସୁଦ୍ଧା ବିଶ୍ୱରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୨୧୦ କୋଟିରେ ପହଞ୍ଚିବ ଏବଂ ତାହା ମୋଟ ଜନସଂଖ୍ୟାର ୨୨% ହେବ। ଏହି ବରିଷ୍ଠ ନାଗରିକଙ୍କ ମଧ୍ୟରୁ କେବଳ ଏସିଆରେ ୧୩୦କୋଟିଙ୍କୁ ଦେଖିବାକୁ ମିଳିବ। ଏଭଳି ସ୍ଥିତିରେ ଭାରତରେ ବୁଢ଼ାବୁଢ଼ୀଙ୍କ ସଂଖ୍ୟା ଆନୁପାତିକ ଭାବେ ନିଶ୍ଚିତ ବଢ଼ିବ। ଏବେ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୪.୯କୋଟି। ୨୦୫୦ ସୁଦ୍ଧା ଏହା ୩୫ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବରିଷ୍ଠଙ୍କ ସଂଖ୍ୟା ବୃଦ୍ଧିର ପ୍ରଭାବ ସମାଜ ଓ ଅର୍ଥନୀତି ଉପରେ ପଡ଼ିବା ସ୍ୱାଭାବିକ। ଏଣୁ ଏହି ବୟସ୍କ ଜନସଂଖ୍ୟା ଓ ଉତ୍ତରପିଢିଙ୍କର ଉପଯୁକ୍ତ ଯତ୍ନ ନେବା ସରକାର ଏବଂ ସମ୍ପୃକ୍ତ ସମସ୍ତ ପକ୍ଷଙ୍କର ଦାୟିତ୍ୱ।

ଏକଥାକୁ ମନରେ ରଖି କେନ୍ଦ୍ର ସରକାର ବିଗତ କେତେବର୍ଷ ମଧ୍ୟରେ ଅନେକ ଯୋଜନା କାର୍ଯ୍ୟକାରୀ କରି ବିପୁଳ ଅର୍ଥ ଖର୍ଚ୍ଚ କରିଛନ୍ତି। ଏସବୁ ଯୋଜନାରେ କାର୍ଯ୍ୟକାରୀ କରି ବିପୁଳ ଅର୍ଥ ଖର୍ଚ୍ଚ କରିଛନ୍ତି। ଏସବୁ ଯୋଜନାରେ ମୌଳିକ ଲକ୍ଷ୍ୟ ଥିଲା ବରିଷ୍ଠ ନାଗରିକମାନଙ୍କୁ ଆତ୍ମନିର୍ଭରଶୀଳ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଜୀଇଁବାର ସୁଯୋଗ ଦେବା। ଭାରତର ଜନସଂଖ୍ୟା ବିଶ୍ୱରେ ସର୍ବାଧିକ। ତେଣୁ ଭାରତର ଲକ୍ଷ୍ୟ ଥିଲା ବିପୁଳ ଜନସଂଖ୍ୟାରେ ଲାଭ ଉଠାଇବ। ତେଣୁ ବରିଷ୍ଠ ନାଗରିମାନଙ୍କୁ ଅନ୍ୟ ଉପରେ ନିର୍ଭରଶୀଳ କରିବା ପରିବର୍ତ୍ତେ ସେମାନଙ୍କୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିବାକୁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ଏହି ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ସରକାର ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଦେଶର ବରିଷ୍ଠ ନାଗରିକମାନେ ଉଲ୍ଲେଖନୀୟ ସଂଖ୍ୟାରେ ଆୟକର ରିଟର୍ଣ୍ଣ ଫାଇଲ ଦାଖଲ କରୁଛନ୍ତି ଓ କର ଦେଉଛନ୍ତି। ଗତ ଚାରିବର୍ଷ ମଧ୍ୟରେ ଆୟକର ବାବଦରେ ବରିଷ୍ଠ ନାଗରିକମାନେ ଦେଉଛନ୍ତି ୩.୪୭ଲକ୍ଷ କୋଟି ଟଙ୍କା। ପ୍ରତିବର୍ଷ ପ୍ରାୟ ୮୭ଲକ୍ଷ ବରିଷ୍ଠ ନାଗରିକ ଆୟକର ଦେଉଛନ୍ତି। ଲକ୍ଷ ଲକ୍ଷ ବରିଷ୍ଠ ନାଗରିକ ସ୍ୱେଚ୍ଛାକୃତଭାବେ ସବ୍‌ସିଡି ପରିହାର କରି ନିଜର ଗ୍ୟାସକୁ ଗରିବ ଲୋକଙ୍କ ବ୍ୟବହାର ପାଇଁ ଛାଡ଼ି ଦେଇଛନ୍ତି। ଏହି ଯୋଜନାଟି ଗିଭ୍ ଇଟ୍ ଅଫ୍ ନାମରେ ପରିଚିତ। ଅନେକ ବରିଷ୍ଠ ନାଗରିକ ମଧ୍ୟ ଟ୍ରେନ୍ ଯାତ୍ରା ସମୟରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଟିକସ ରିହାତିକୁ ପରିହାର କରିଛନ୍ତି।

ପ୍ରଥମଥର ପାଇଁ ଦେଶର ଇତିହାସରେ ୬୦ବର୍ଷ ଓ ତଦୁର୍ଦ୍ଧ୍ୱ ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କ ପାଇଁ ଏକ ପେନ୍‌ସନ୍ ଯୋଜନା ଲାଗୁ କରାଯାଇଛି। ଦେଶର ଅଣସଂଗଠିତ କ୍ଷେତ୍ରରେ କୋଟି କୋଟି ଶ୍ରମିକ, କୃଷକ, ମୂଲିଆ, ଛୋଟ ବ୍ୟବସାୟୀଙ୍କ ପାଇଁ ସରକାର ବିଭିନ୍ନ ପ୍ରକାର ପେନ୍‌ସନ୍ ଯୋଜନା ଆରମ୍ଭ କରିଛନ୍ତି। ଷାଠିଏ ବର୍ଷରେ ପହଂଚିବା ପରେ ଗରିବ ଲୋକମାନେ ଏହି ପେନ୍‌ସନ୍ ଯୋଜନାରେ ବିଶେଷ ଉପକୃତ ହେବେ। ଆୟୁଷ୍ମାନ ଭାରତ ଯୋଜନାରେ ଗରିବ ଲୋକଙ୍କୁ ୫ଲକ୍ଷ ଟଙ୍କା ଯାଏ ଚିକିତ୍ସା ବୀମା ସୁବିଧା ମିଳୁଛି। ଏଥିରେ ଗରିବ ଓ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ମିଳିଥିବାରୁ ସେମାନଙ୍କ ଜୀବନ ସୁଖଦ ହୋଇଛି। ଏହା ସେମାନଙ୍କ ପରମାୟୁ ବୃଦ୍ଧିରେ ସହାୟକ ହେଉଛି।

ଉତ୍ପାଦନଭିତ୍ତିକ ଅବଦାନ ନେଇ ଯେପରି ମର୍ଯ୍ୟାଦାର ସହିତ ବଞ୍ଚନ୍ତି ତାହାକୁ ସୁନିଶ୍ଚିତ କରିବା। ଭାରତୀୟ ପରମ୍ପରା ଓ ସାମଜରେ ବରିଷ୍ଠ ନାଗରିକଙ୍କ ସେବା ଓ ଯତ୍ନ ଅଗ୍ରାଧିକାର ପାଏ। ତେବେ ଯୌଥ ପରିବାର ବ୍ୟବସ୍ଥା ନିରନ୍ତର ଭାବେ ଭାଙ୍ଗିଯାଉଥିବାରୁ ଅନେକ ବୁଢ଼ାବାପା ମା' ସେମାନଙ୍କ ପରିବାର ଓ ପିଲାମାନଙ୍କ ଦ୍ୱାରା ଉପେକ୍ଷିତ ହେଉଛନ୍ତି। ଶାରୀରିକ, ଆର୍ଥିକ ଓ ଭାବପ୍ରବଣଗତ ସମର୍ଥନ ଅଭାବରୁ ଅନେକ ବରିଷ୍ଠ ନାଗରିକ ସେମାନଙ୍କ ପରିବାର ଦ୍ୱାରା ଉପେକ୍ଷିତ ହେଉଛନ୍ତି। ଏକ ସମ୍ବେଦନଶୀଳ, ମର୍ଯ୍ୟାଦାବନ୍ତ ଓ ଆତ୍ମନିର୍ଭର ସମାଜ ପାଇଁ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତାକୁ ସମ୍ମାନଜନକ ଭାବେ ବିନିଯୋଗ କରିବା ଆବଶ୍ୟକ। ବରିଷ୍ଠ ନାଗରିକ ଅଭିଜ୍ଞତାର ଗନ୍ତାଘର। ଏକ ଏନ୍‌ଜିଓ ରିପୋର୍ଟ ଅନୁସାରେ ୪୭% ବରିଷ୍ଠ ନାଗରିକ ଆର୍ଥିକ ଦୃଷ୍ଟିରୁ ସେମାନଙ୍କ ପରିବାର ଉପରେ ନିର୍ଭରଶୀଳ, ସେହିପରି ୩୪% ପେନ୍‌ସନ୍ ଉପରେ ନିର୍ଭର କରୁଥିବା ବେଳେ ୪୦% ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଯେତେଦିନ ସମ୍ଭବ କାମ କରିହେବ ସେତେଦିନ ଯାଏ କାମ କରିବାକୁ ପ୍ରସ୍ତୁତ। ଏହି ଦୃଷ୍ଟିରୁ ଏମାନଙ୍କୁ ଯଦି କାମ କରିବାକୁ ସୁଯୋଗ ଦିଆଯିବ ତେବେ ଭାରତର ଆର୍ଥିକ ଓ ସାମାଜିକ ଚିତ୍ର ପରିବର୍ତ୍ତନ ହୋଇପାରିବ। ବରିଷ୍ଠ ନାଗରିକମାନେ ଦେଶର ସଂପଦ। ସେମାନଙ୍କର ଦୀର୍ଘ ନିରାମୟ ଜୀବନଯାପନ ସହିତ ମର୍ଯ୍ୟାଦାଜନକ ଓ ସର୍ଜନାତ୍ମକ ହେବା ବାଞ୍ଛନୀୟ।

# ଶିକ୍ଷାରେ ମାତୃଭାଷାର ଗୁରୁତ୍ୱ

ଶ୍ରୀବତ୍ସ ନାୟକ

ଆଧୁନିକତାର ସ୍ପର୍ଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ମାତ୍ରାରେ ବ୍ୟବହାର ଫଳରେ ଆମ ଦେଶରେ ଏପରି ଏକ ଭ୍ରାନ୍ତ ଧାରଣା ବହୁ ଲୋକଙ୍କୁ ପ୍ରଭାବିତ କରି ରଖିଛି ଯେ ଇଂରାଜୀ ଶିକ୍ଷା ଦ୍ୱାରା ଶିଶୁଟି ସ୍ମାର୍ଟ ଓ ଆତ୍ମବିଶ୍ୱାସ ହୋଇପାରିବ ଫଳରେ ଅଧିକାଂଶ ଅଭିଭାବକ ନିଜ ନିଜ ଶିଶୁମାନଙ୍କୁ ସହରର ବର୍ଣ୍ଣାଢ଼୍ୟ ପରିବେଶରେ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ କରାଯାଉଥିବା ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଇବା ପାଇଁ ପ୍ରତିଯୋଗିତା କରିଥାଆନ୍ତି। ଚାହିଦାକୁ ଦେଖି ବର୍ଷକୁ ବର୍ଷ ଆମ ଦେଶରେ ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନର ସଂଖ୍ୟା ବେଶ୍ ବଢ଼ି ଚାଲିଛି। କଥାରେ ଅଛି ଯେଉଁ ଗଛର ମୂଳଭାଗ ଯେତେ ସୁଦୃଢ଼ ସେ ଗଛ ସେତେ ସୁଦୃଢ଼। ଅର୍ଥାତ୍ ଦେଶର ପ୍ରଗତି ହେଉଛି ତା'ର ମାତୃଭାଷାର ଉନ୍ନତି। ତେଣୁ ମାତୃଭାଷାକୁ ବାଦ୍ ଦେଇ ଆମେ ଯେତେ ବିଦ୍ୟା ଆହରଣ କଲେ ଉଚ୍ଚ ଶିକ୍ଷିତ ହୋଇପାରିବ ସତ କିନ୍ତୁ ଜ୍ଞାନୀ କେବେ ହୋଇପାରିବା ନାହିଁ। ମାତୃଭାଷା କଥା ଆସିଲେ ମନେପଡ଼େ ଗଙ୍ଗାଧର ମେହେରଙ୍କର ସେହି କାଳଜୟୀ ଉକ୍ତି "ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା।" ମାତୃଭାଷାକୁ ଆଡ଼େଇ ଦେଇ କେବେ କିଏ ବଡ଼ ହୋଇଛି ନା ହୋଇ ପାରିବ? ଶିକ୍ଷାରେ ମାତୃଭାଷାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ତାଙ୍କର ଶିକ୍ଷା ବ୍ୟବସ୍ଥାରେ ମାତୃଭାଷାକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଭାରତୀୟ ସମ୍ବିଧାନର ଧାରା ୩୫୦ (A) ଅନୁଯାୟୀ, ଭାଷା ଭିତ୍ତିକ ସଂଖ୍ୟା ଲଘୁ ଗୋଷ୍ଠୀର ପିଲାମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ମାତୃଭାଷାରେ ଶିକ୍ଷାଦାନ କଥା ଉଲ୍ଲେଖ କରାଯାଇଛି। ଭାରତରେ ବହୁଭାଷୀତାକୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ସମଗ୍ର ଦେଶରେ ପ୍ରଭାବଶାଳୀ ଭାବେ ଗଢ଼ି ତୋଳିବା ସହ ବିଭିନ୍ନ ସଂସ୍କୃତି ଏବଂ ଭାଷାରେ ପ୍ରକାଶ କରି ଭାଷା ଭିତ୍ତିକ ବିବିଧତା ପ୍ରତି ସମ୍ମାନ ବୃଦ୍ଧି କରି ଜାତୀୟ ଏକୀକରଣକୁ ମଜଭୁତ୍ କରିବା ଉଦ୍ଦେଶ୍ୟରେ ୧୯୬୮ ମସିହା ଜାତୀୟ ଶିକ୍ଷାନୀତି ତ୍ରିଭାଷୀ ସୁତ୍ରୀ (ଭାରତୀୟ ଦେଶୀ ଭାଷା ହିନ୍ଦୀ, ଆଞ୍ଚଳିକ ଭାଷା ଓ ଇଂରାଜୀ ଭାଷା) ପ୍ରଣୟନ କରିଥିଲେ। ନିରନ୍ତର ମୂଲ୍ୟାଙ୍କନ ପର୍ଯ୍ୟାୟ ପରୀକ୍ଷଣ ପରିବର୍ତ୍ତେ ଶିଶୁ ଆହରଣ କରିଥିବା ଜ୍ଞାନର ପ୍ରୟୋଗାତ୍ମକ ମୂଲ୍ୟାଙ୍କନ କରିବା ନିମନ୍ତେ ମାତୃଭାଷାରେ ଶିଶୁ କୈନ୍ଦ୍ରିକ ଶିକ୍ଷାଦାନ ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଶିକ୍ଷା ଅଧିକାର ଆଇନ୍ ୨୦୦୯ ଦର୍ଶାଇଥିବାବେଳେ, ନୂତନ ଶିକ୍ଷାନୀତି ୨୦୨୦, ଛାତ୍ରଛାତ୍ରୀମାନଙ୍କୁ ମାତୃଭାଷା ଉପରେ ଶିକ୍ଷାର ମାଧ୍ୟମ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ଭାଷା, ମାତୃଭାଷା, ସ୍ଥାନୀୟ ଭାଷା କିମ୍ବା ଆଞ୍ଚଳିକ ଭାଷାରେ ଅତିକମ୍‌ରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ମାଧ୍ୟମ ହେବ ବୋଲି ନୂତନ ଶିକ୍ଷାନୀତି ୨୦୨୦ ସୂଚନା ଦେଇଛି। ଅନୁରୂପ ଭାବେ ୟୁନେସ୍କୋ ମଧ୍ୟ ପ୍ରାଥମିକ ଶିକ୍ଷାରେ ମାତୃଭାଷା ଉପରେ ଆଧାରିତ ବହୁଭାଷୀ ଶିକ୍ଷା ପାଇଁ ଗୁରୁତ୍ୱାରୋପ କରୁଅଛି। ଏତଦ୍ ବ୍ୟତୀତ ଶିକ୍ଷାର ବହୁ ମନୋବିଜ୍ଞାନୀ ଓ ଶିକ୍ଷାବିତ୍ ମାତୃଭାଷାର ଗୁରୁତ୍ୱକୁ ଉପଲବ୍ଧି କରି ଏହା ପାଠ ପଢ଼ିବାର ମାଧ୍ୟମ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଛନ୍ତି। କିନ୍ତୁ ଏ ସବୁ ସତ୍ତ୍ୱେ ମଧ୍ୟ ଓଡ଼ିଶାରେ ଓଡ଼ିଆ ମାଧ୍ୟମ ଶିକ୍ଷାନୁଷ୍ଠାନ ପ୍ରତି ବୈମାତୃକ ମନୋଭାବ ଦେଖିବାକୁ ମିଳୁଛି।

ଭାବର ଅତିଶଯ୍ୟରୁ ଯେଉଁ ଭାଷା ସ୍ୱତଃ ପ୍ରକାଶିତ ହୁଏ ତାହା ହିଁ କେବଳ ମାତୃଭାଷା ଯାହା ଜନନୀ ସଦୃଶ। ଶିଶୁଟିର ସକାଳ କାର୍ଯ୍ୟକଳାପ, ଚିନ୍ତାଧାରା ଓ ଭାବ ବିନିମୟ ଏହି ମାତୃଭାଷା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ମାତୃଭାଷାକୁ ବାଦ୍ ଦେଲେ ଭାରତରେ ଅନ୍ୟ ଯେଉଁସବୁ ଭାଷା ଦେଖିବାକୁ ମିଳେ ସେ ଭାଷା ଶିକ୍ଷା ସାଧାରଣତଃ ଆନୁଷ୍ଠାନିକ ଭାବେ ଏକ କୃତ୍ରିମ ପରିବେଶରେ ସଂଗଠିତ ହୋଇଥାଏ କିନ୍ତୁ ଶିଶୁଟିର ମାତୃଭାଷା ଶିକ୍ଷା ତା'ର ମା' କୋଳରୁ ହିଁ ଆରମ୍ଭ ହୋଇଥାଏ। ଶିଶୁଟି ପ୍ରାରମ୍ଭରୁ ପର୍ଯ୍ୟାୟରୁ ସ୍ୱ-ପରିବେଶ ମଧ୍ୟରେ ମାତୃଭାଷା ଶିକ୍ଷା ଲାଭ କରିଥିବାରୁ ଏହା ଶିଶୁଟିର ଜ୍ଞାନ ଓ ଚିନ୍ତନର ବିକାଶ କ୍ଷେତ୍ରରେ ଅନୁକୂଳ ହୋଇଥାଏ। ଏହା ବିନା ଶିଶୁଟିର ବୌଦ୍ଧିକ ବିକାଶ ଆତ୍ମାଭିବ୍ୟକ୍ତି ଏବଂ ରଚନାତ୍ମକ ଶକ୍ତି ଅସମ୍ଭବ। ଶିଶୁଟିର ମାତୃଭାଷା ଅଧ୍ୟୟନ କରିବାବେଳେ ନିଜ ଭାଷା ସାହିତ୍ୟ ତଥା ନିଜ ଜାତିର ଭାବାତ୍ମକ ଏକତାର ସନ୍ଦେଶ ଜାଗ୍ରତ ହୋଇଥାଏ। ମନୋବିଜ୍ଞାନୀ ଏ ପଲ୍‌ଙ୍କ ମତରେ, "The story of the language is the story of the civilisation" ଅର୍ଥାତ୍ ନିଜ ଜାତିର ଦର୍ଶନ, ଇତିହାସ, ସଂସ୍କୃତି, ବିଷୟକ ଜ୍ଞାନ ମାତୃଭାଷାରେ ପ୍ରତିବିମ୍ବିତ ହୋଇଥାଏ। କେବଳ ସେତିକି ନୁହେଁ ମାତୃଭାଷାରେ ଶିକ୍ଷାଦାନ କରିବା ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ଶିକ୍ଷାର୍ଥୀଙ୍କର ବିଶ୍ଳେଷାତ୍ମକ, ଯୁକ୍ତିଯୁକ୍ତ ତଥା ସୃଜନ ଶକ୍ତିର ପରିସ୍ଫୁଟନ ଘଟିଥାଏ।

ମଣିଷ ଏକ ସାମାଜିକ ପ୍ରାଣୀ, ତେଣୁ ମାତୃଭାଷା ତା'ର ଯୋଗାଯୋଗର ଏକମାତ୍ର ମାଧ୍ୟମ। ଏହା ମାଧ୍ୟମରେ ସେ ନିଜକୁ ଯେତିକି ସଫଳ ଭାବେ ପ୍ରକାଶ କରିପାରେ କିମ୍ବା ଅନ୍ୟକୁ ଯେପରି ଭାବେ ଗ୍ରହଣ କରିପାରେ, ସମାଜ ସହିତ ତା'ର ଜୀବନର ମେଳ ସେତିକି ସମ୍ଭବ ହୁଏ। ଆମେ ଓଡ଼ିଆ। ଆମର ମାତୃଭାଷା ଓଡ଼ିଆ କିନ୍ତୁ ଆମେ ଓଡ଼ିଆ ବୋଲି କହିବାକୁ ସାହସ କରୁନେ। ଇଂରାଜୀ ମାଧ୍ୟମ ଶିକ୍ଷା ପ୍ରତି ଆକୃଷ୍ଟ ହୋଇ ଅଧିକରୁ ଅଧିକ ଇଂରାଜୀ ଭାଷାର ପ୍ରୟୋଗ କରୁଛେ। ଆମେ ମନ ମଧ୍ୟରେ ଚିନ୍ତା କରୁଛେ ଯେ ଆମ ପିଲାମାନେ ଇଂରାଜୀ ମଧ୍ୟମ ବିଦ୍ୟାଳୟରେ ପଢ଼ି କେତେ ପ୍ରାଞ୍ଜଳ ଭାବେ ବୈଦେଶିକ ଭାଷା ଇଂରାଜୀ ପଢ଼ି ଲେଖି ପାରୁଛନ୍ତି ! କିନ୍ତୁ ଆମକୁ ମନେରଖିବାକୁ ପଡ଼ିବ ମାତୃଭାଷା ସମ ଭାଷା କିଛି ନାହିଁ। ଆମେ ସୁନାକୁ ଖୋଜି ଖୋଜି ହୀରାକୁ ହରେଇ ସାରିଛେ। ଉପରକୁ ଉଠିଛେ କିନ୍ତୁ ଭିତ୍ତିଭୂମି ଦୁର୍ବଳ। ଏହାକୁ ନେଇ ଆମେ କେତେଦିନ ବଞ୍ଚିବା ! ଭାବନାରେ ପରିବର୍ତ୍ତନର ସମୟ ଆସିଛି। ମାତୃଭାଷାରେ ଶିକ୍ଷା ପାଇବା ସମସ୍ତଙ୍କର ଏକ ଜନ୍ମଗତ ଅଧିକାର। ବିଶେଷ କରି ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଏହାର ପ୍ରଚଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ମାତୃଭାଷାର ଦାୟିତ୍ୱ ଆମ ଉପରେ ନ୍ୟସ୍ତ ଯଦି ବାସ୍ତବିକ ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟରେ ମାତୃଭାଷାର ପ୍ରୟୋଗ କରାନଯିବ ତେବେ ଆମ ଭାଷା ଓଡ଼ିଆ ଅନ୍ୟ ଭାଷା ଭଳି ଦିନେ ନା ଦିନେ ବିଲୁପ୍ତ ହୋଇଯିବ। ସାଂପ୍ରତିକ ପରିସ୍ଥିତିକୁ ଆଖି ଆଗରେ ରଖି ସରକାର ତାଙ୍କ ଶିକ୍ଷାନୀତିରେ ମାତୃଭାଷା ଶିକ୍ଷାକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଆମର ଇଂରାଜୀ ଭାଷା ପ୍ରୀତି ଆମକୁ ବିପଥଗାମୀ କରିବ ଏଥିରେ ସନ୍ଦେହ ନାହିଁ।

# ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ମାନବିକତା

● ପ୍ରଫେସର ବୃନ୍ଦାବନ ଚନ୍ଦ୍ର ରଥ

ଇତିହାସର ପାଞ୍ଚହଜାର ବର୍ଷ ଆଦ୍ୟରୁ ସଭ୍ୟ ମନୁଷ୍ୟର ଧର୍ମ ହେଉଛି ସନାତନ ଧର୍ମ। ଯାର ଉତ୍ସ ବେଦ, ବେଦାନ୍ତ, ଉପନିଷଦ ଆଦି ବିବିଧ ଗ୍ରନ୍ଥ; ଯାହା ପ୍ରଜ୍ଞାର ଆଲୋକ ପ୍ରଦାନ କରନ୍ତି। ଅଗଣିତ ମୁନି, ଋଷି, ଯୋଗୀ ଓ ସାଧକଗଣ ସେମାନଙ୍କ ଦିବ୍ୟଦୃଷ୍ଟିରେ ରଚନା କରିଛନ୍ତି ପ୍ରୋକ୍ତ ଦିବ୍ୟ ଆଧ୍ୟାତ୍ମିକ ସମ୍ପଦ ସମୂହ। ସେଗୁଡିକ ଅଧ୍ୟୟନ, ଶ୍ରବଣ, ମନନ କରି ବୋଧଗମ୍ୟ ତଥା ହୃଦୟଙ୍ଗମ କରିବା ପ୍ରତ୍ୟେକ ମଣିଷର ଧର୍ମ।

ଏ ଜ୍ଞାନରାଶିଗୁଡିକ ଆମକୁ ଉତ୍ତରାଧିକାରୀ ସୂତ୍ରରେ ଉପଲବ୍ଧ। ଜର୍ମାନ୍ ଦାର୍ଶନିକ ଗେଟେଙ୍କ ଭାଷାରେ ଉତ୍ତରାଧିକାର ସୂତ୍ରରେ ଲାଭ କରିବା ସମ୍ପଦକୁ ଯଥାର୍ଥ ସଂରକ୍ଷଣ ଓ ପରିବର୍ଦ୍ଧନ କରିବା ପାଇଁ ବ୍ୟକ୍ତିକୁ ନିଜର ଉପାର୍ଜନ କରିବାର ସାମର୍ଥ୍ୟ ହାସଲ କରିବା ଆବଶ୍ୟକ। ସମ୍ପଦ ବୌଦ୍ଧିକ ବା ଭୌତିକ; ଯାହା ବି ହେଉ ତା'ର ଶ୍ରୀବୃଦ୍ଧି ପାଇଁ ଲୋଡ଼ା ଉପଯୁକ୍ତ ଶିକ୍ଷା, ସଂସ୍କାର ଓ ମନୋବୃତ୍ତି। ଏହାହିଁ ପ୍ରକୃଷ୍ଟ ଦାୟାଦର କର୍ତ୍ତବ୍ୟ। ଜିଜ୍ଞାସୁ, ସୌମ୍ୟ ତଥା ତେଜସ୍ୱୀ ଯୁବକ ନରେନ୍ଦ୍ର ପରବର୍ତ୍ତୀ ସମୟରେ ସ୍ୱାମୀ ବିବେକାନନ୍ଦ ନାମରେ ପରିଚିତ ହେଲେ। ପ୍ରଥମ ସାକ୍ଷାତ ସମୟରୁ ତାଙ୍କରି ଉପରେ ଆଶା ଓ ଭରସା ରଖିଥିଲେ ତାଙ୍କର ଗୁରୁ ଶ୍ରୀ ରାମକୃଷ୍ଣ ପରମହଂସ। ଉଦ୍ଦେଶ୍ୟ ଥିଲା ଭାରତୀୟ ଜ୍ଞାନ, ଦର୍ଶନକୁ ବିଶ୍ୱରେ ପ୍ରସାରଣ କରି ଆଧ୍ୟାତ୍ମିକ ଜଗତରେ ରାଜଧାନୀ ରୂପେ ଭାରତର ପରିଚୟ ସୃଷ୍ଟି କରିବା। ନିଜର ନିଷ୍ଠା, ଆଗ୍ରହ ଓ ସାଧନାବଳରେ ସେ ଦକ୍ଷିଣେଶ୍ୱର ମା'କାଳୀଙ୍କର ଦିବ୍ୟକୃପା ଲାଭ କରି ଅଧ୍ୟାତ୍ମ ପଥରେ ଅଗ୍ରସର ହେଲେ। ଭାରତର ପ୍ରାୟ ସବୁ ଅଞ୍ଚଳ ପରିଭ୍ରମଣ କରି ସାଧାରଣ ଜନତା, ଶ୍ରମିକ, କୃଷିଜୀବୀ ଓ ତଥାକଥିତ ଇଂରାଜୀପଢ଼ା ଶିକ୍ଷିତ ଲୋକଙ୍କର ଜୀବନଶୈଳୀ ଦେଖି ବିବେକାନନ୍ଦ ବହୁତ ଭାବିତ ଓ ବ୍ୟଥିତ ହୋଇଥିଲେ।

ଗୁରୁ, ଶ୍ରୀ ରାମକୃଷ୍ଣ ଇଚ୍ଛା ଓ ନିର୍ଦ୍ଦେଶାନୁଯାୟୀ ଭାରତର ବିଭିନ୍ନ ସ୍ଥାନରେ ସଭା ସମିତିରେ ସନାତନ ଧର୍ମର ମାର୍ମିକ ବାଣୀ ସ୍ୱାମୀଜୀ ଉପସ୍ଥାପନା କରିଥିଲେ। ଉନବିଂଶ ଶତାବ୍ଦୀର ନବେ ଦଶକରେ ଆମେରିକାର 'ଚିକାଗୋ' ନଗରରେ ବିଶ୍ୱଧର୍ମ ସଭାକୁ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରିବା ପାଇଁ ବହୁତ ଆୟାସ କରିଯାଇଥିଲେ। ସେଠାରେ ପ୍ରକଟନ କରିବାର କ୍ଷମତାରେ ଆମେରିକା ତଥା ବିଶ୍ୱବାସୀ ଚମତ୍କୃତ ହୋଇଥିଲେ। ବହୁଦିନ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନମାନଙ୍କରେ ସେ ବହୁ ଜନାଦୃତ ହୋଇ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତର ଧାର୍ମିକ ଓ ତାତ୍ତ୍ୱିକ ଚିନ୍ତାଧାରାର ଏକ ଅପୂର୍ବ ସମନ୍ୱିତ ଦୃଷ୍ଟିକୋଣ ପ୍ରସାରିତ କଲେ।

ଭାରତକୁ ଫେରି ଆସିବା ବାଟରେ ଲଣ୍ଡନଠାରେ ଭାରତୀୟ ଧର୍ମ ଓ ଦର୍ଶନ ସମ୍ବନ୍ଧୀୟ ପ୍ରଭୂତ ଲେଖାର ଲେଖକ ମାକ୍ସମୁଲରଙ୍କୁ ଭେଟି ଭାରତକୁ ଭ୍ରମଣ କରିବାକୁ ଆମନ୍ତ୍ରଣ କଲେ। ମାତ୍ର ସେ ମହାଶୟ ଆମନ୍ତ୍ରଣଟିକୁ ପ୍ରତ୍ୟାଖ୍ୟାନ କଲେ। ସେ ଭୟ କଲେ ଯେ ସେ ତାଙ୍କ ମନରେ ଭାରତରେ ଯେଉଁ ମୂର୍ତ୍ତିଟି ଗଢ଼ି ତୋଳିଥିଲେ, ସେଇଟି ଭାରତକୁ ଗଲେ ସେଠିକାର ବାସ୍ତବତାର ସମ୍ମୁଖୀନ ହୋଇ ହୁଏତ ଭାଙ୍ଗି ପଡ଼ିବ।

ବାସ୍ତବ କଥା ହେଉଛି, ସନାତମ ଧର୍ମ ଓ ଦର୍ଶନ ଏତେ ଗଭୀର ବୌଦ୍ଧିକତା ଓ ଆଧ୍ୟାତ୍ମିକତାର ଦୀପ୍ତିରେ ଋଦ୍ଧିମନ୍ତ ଯେ ତାହାର ପ୍ରକୃତ ଅର୍ଥ ଓ ତତ୍ତ୍ୱ ନିର୍ଯାସ ଉପଲବ୍ଧି ପାଇଁ ନିଷ୍ପାପର ଉଦ୍ୟମ ଓ ଉପଯୁକ୍ତ ଦୃଷ୍ଟିଭଙ୍ଗୀ ପ୍ରୟୋଜନ। କେମିତି ଆପଣ ଦେଖୁଛନ୍ତି ; ତା' ଉପରେ ନର୍ଭର କରେ ଆପଣଙ୍କର ବୋଧ ଓ ବୌଦ୍ଧିକ ପରିପ୍ରକାଶ। ପୁଣି ଆପଣଙ୍କ ଦୃଷ୍ଟି ପ୍ରସୂତ ହୁଏ ନିଜର ଶିକ୍ଷା, ପ୍ରଶିକ୍ଷଣ ଓ ସାଂସ୍କୃତିକ ବଳୟ ତଥା ଗୁରୁଙ୍କର ଶିକ୍ଷାଦାନ ପ୍ରଣାଳୀର ପ୍ରଭାବ ; ଯାହା ବ୍ୟକ୍ତିର ଦେଖିବା, ବୁଝିବା ଓ ବ୍ୟାଖ୍ୟା କରିବାର ସାମର୍ଥ୍ୟକୁ ନିର୍ମାଣ କରିଥାଏ। ସେଥିପାଇଁ ନରଉଡ୍ ରସେଲ୍ ହାନ୍‌ସନ୍ କହନ୍ତି, "ଆମର ସ୍ଥୁଳ ଚକ୍ଷୁ ଦ୍ୱାରା ଯାହା ଦେଖାଯାଏ, ବାସ୍ତବରେ ତା'ଠାରୁ, ଅଧିକ କିଛି ତଥ୍ୟ ବା ଉପାଦାନ ବସ୍ତୁ ବା ଘଟଣାରେ ଥାଏ।"

ଶରୀର, ମନ ଓ ଆତ୍ମାକୁ ନେଇ ଗଠିତ ମଣିଷର ବିଶେଷତ୍ୱ ହେଉଛି ଆତ୍ମା ; ଯାହାର ସମନ୍ୱିତ ବିକାଶ ପାଇଁ ଲୋଡ଼ା ଉପଯୁକ୍ତ ଶିକ୍ଷା, ସାମାଜିକ, ସାଂସ୍କୃତିକ ସୁବିଧା, ସୁଯୋଗ। ସ୍ୱାମୀଜୀ ଗରିବ, ଖଟିଖିଆ ଲୋକଙ୍କର ଶିକ୍ଷା ଭରଣପୋଷଣ କଥାକୁ ଜୋର ଦେଇଥିଲେ। କାରଣ ଶରୀରର ସୁସ୍ଥତା ଓ ସମୃଦ୍ଧି ଉପରେ ନିର୍ଭର କରେ ମନର ଶକ୍ତି, ସାମର୍ଥ୍ୟ। ମାନସିକ ଶକ୍ତି ଓ ବିକାଶ ବାଟ କଢ଼ାଇବ ମନରେ ମୌଳିକ ଗୁଣ ଚେତନାର ଊର୍ଦ୍ଧ୍ୱ ଉନ୍ମୀଳନର ସମ୍ଭାବନାକୁ। ସେଥିପାଇଁ କେବଳ ବିବେକାନନ୍ଦ ନୁହନ୍ତି ; ସ୍ୱାମୀ ଦୟାନନ୍ଦ, ନାରାୟଣ ଗୁରୁ ଏବଂ ଗାନ୍ଧୀଜୀ ମଧ୍ୟ ଦରିଦ୍ର, ଅଶିକ୍ଷିତ, ଶ୍ରମିକ ତଥା ସମାଜର ଅବହେଳିତ, ନିଷ୍ପେଷିତ ଲୋକଙ୍କର ସେବା ପାଇଁ ସତତ ପ୍ରଚେଷ୍ଟିତ ଥିଲେ।

ଭାଗବତର ବାଣୀ ''ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବ କାହା ଘେନି''ର ପ୍ରାସଙ୍ଗିକତା ଅଛି। ସ୍ୱାମୀଜୀ ଭଲ ଭାବରେ ବୁଝିଥିଲେ ; ମଣିଷ ନିଜର ପ୍ରକୃତ ସ୍ୱରୂପର ଉପଲବ୍ଧି ପାଇଁ ପ୍ରାଥମିକତାର ସହିତ ତାର ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ, ଉପଯୁକ୍ତ ସାଂସ୍କୃତିକ ପରିବେଶର ଆବଶ୍ୟକତା। ତେବେ ଯାଇ ମନୁଷ୍ୟ ତା'ର ମନକୁ ତଥା ଚେତନାର ଊର୍ଦ୍ଧ୍ୱଗାମୀ ପ୍ରବଣତାକୁ ଧ୍ୟାନ ଦେଇପାରିବ। ମନୁଷ୍ୟ ମଧ୍ୟରେ ସୁପ୍ତ ଅଛି ; ଅସରନ୍ତି ଦୈବିକ, ମାନବୀୟ ଗୁଣାବଳୀ, ଯାହାକୁ ନିର୍ଣ୍ଣୟ କରି ଅସୀମ ସମ୍ଭାବନାଗୁଡିକର ବିକାଶ କରିବା ହିଁ ଆଧ୍ୟାତ୍ମିକ ଶିକ୍ଷାର ଲକ୍ଷ୍ୟ ହେବା ଉଚିତ। ଯଥାର୍ଥ ଶିକ୍ଷା ଶିଶୁକୁ ଉପଯୁକ୍ତ ମାନବୀୟ ଗୁଣ ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ମଣିଷରେ ରୂପାନ୍ତରିତ କରିବ। କେବଳ କେତେଗୁଡ଼ିଏ କରଣୀୟ, ଅକରଣୀୟ ବା ନିଷେଧାତ୍ମକ ପ୍ରବଚନ ଦ୍ୱାରା ମଣିଷର ବିଶେଷ ପରିବର୍ତ୍ତନ ଓ ବିକାଶ ହେବା ସମ୍ଭବ ନୁହେଁ। ମଣିଷ ଭିତରେ ଥିବା ଅମାପ ଶକ୍ତିକୁ ଚିହ୍ନଟ କରି ତାକୁ ଐଶ୍ୱରୀୟ ସତ୍ତାର ଅଭିବ୍ୟକ୍ତି ବୋଲି ହୃଦୟଙ୍ଗମ କରି ସମ୍ମାନ କରିବା ହିଁ ସମସ୍ତଙ୍କର କର୍ତ୍ତବ୍ୟ।

୧୯୨୦ ମସିହାରେ ରୋମେନ୍ ରୋଲାଣ୍ଡ ବିଶ୍ୱଗୁରୁ ରବୀନ୍ଦ୍ର ଠାକୁରଙ୍କୁ ଭେଟିବା ବେଳେ, ରବୀନ୍ଦ୍ର କହିଥିଲେ, 'ଭାରତକୁ ଜାଣିବାକୁ ହେଲେ, ଆପଣଙ୍କୁ ବିବେକାନନ୍ଦଙ୍କୁ ଅଧ୍ୟୟନ କରିବାକୁ ହେବ; ଯାହା କେବଳ ସକାରାତ୍ମକ ଭାବ ଓ ଦୃଷ୍ଟିରେ ପରିପୂର୍ଣ୍ଣ। ସେ ମହାଶୟ ୧୮୯୩ରେ ଚିକାଗୋରେ ଅନୁଷ୍ଠିତ ବିଶ୍ୱଧର୍ମ ସମ୍ମିଳନୀରେ ଓଜସ୍ୱିନୀ ସମ୍ଭାଷଣକୁ ସୂଚାଇବାକୁ ଯାଇ ସ୍ୱାମୀଜୀଙ୍କୁ ଆଧ୍ୟାତ୍ମିକ ଜଗତର 'ବୀର ନେପୋଲିୟନ' ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କର ସମ୍ଭାଷଣର ସାବଲୀଳ, ସର୍ବଜନନୀୟତା କେବଳ ଭାରତୀଙ୍କର ନୁହେଁ ; ସାରା ମଣିଷ ସମୂହର ସଭ୍ୟତା ଓ ସଂସ୍କୃତିର ଐତିହାସିକ କ୍ରମବିକାଶରେ ସମତା ଓ ସମନ୍ୱୟତାର ଏକ ଗଠନମୂଳକ ବାର୍ତ୍ତାର ପରିଚୟ ପ୍ରଦାନ କରିଥାଏ। ସେଥିରେ ସବୁ ଯୋଗ, ତ୍ୟାଗ, ସେବା, କଳା ଓ ବିଜ୍ଞାନ, ଧର୍ମ ଓ କ୍ରିୟାକର୍ମ ତଥା ସିଦ୍ଧାନ୍ତ ଓ ପ୍ରୟୋଗ ଇତ୍ୟାଦି ପ୍ରତ୍ୟେକର ସୀମିତତା ରହିଲେ ବି ଏ ସବୁଥିର ମୂର୍ତ୍ତି ବ୍ୟକ୍ତିତ୍ୱର ପ୍ରତିନିଧିତ୍ୱର ପରିଚୟ ସେ ବହନ କରିଥିଲେ।

ବେଦାନ୍ତ ତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ୟୁରୋପୀୟ-ଆମେରିକୀୟ ବା ମାର୍କସବାଦୀ ଜଡ଼ବାଦର ଧର୍ମ ତୋଳିଥାଏ ପାଶ୍ଚାତ୍ୟ ଜଗତର ଚର୍ଚ୍ଚମାନଙ୍କର ଲଡୁଆ ମନୋବୃତ୍ତି ଓ ଦୃଷ୍ଟିକୋଣ ବିରୁଦ୍ଧରେ। ପରନ୍ତୁ ଭାରତୀୟ ବୈଦିକ ଚିନ୍ତାଧାରା ନିହିତ ହୋଇଛି। ପରମ ସତ୍ୟର ଉପନିଷଦୀୟ ଅନ୍ୱେଷଣର ବିଶିଷ୍ଟ ଧାରାରେ। ଏଥିରେ ବସ୍ତୁ ତତ୍ତ୍ୱରୁ ଆରମ୍ଭ କରି କ୍ରମାନ୍ୱୟରେ ଅନ୍ନମ୍ (ଖାଦ୍ୟ), ପ୍ରାଣମ୍ (ଉର୍ଜ୍ଜା), ମନମ୍ (ମନ), ବିଜ୍ଞାନମ୍ (ତର୍କଶକ୍ତି) ଓ ଆନନ୍ଦମ୍ (ଯାହା ଚିନ୍ତାର ଦ୍ୱନ୍ଦ୍ୱାତ୍ମକ ବିକଳ୍ପର ଊର୍ଦ୍ଧ୍ୱରେ) ରୂପକ ତୁରୀୟ ସ୍ତରକୁ ଗତି। ଏସବୁ ସୂଚାଏ ଏକ ଅବିଭକ୍ତ, ଶୁଦ୍ଧ ଚେତନା ; ଯାହା ଅବୈକ୍ତିକ ସମଗ୍ର ଜଗତର ଏକକ ଭାବରେ ସର୍ବବ୍ୟାପୀ। ତେଣୁ ଅତ୍ର ପ୍ରାକୃତିକ ଓ ଆଧ୍ୟାତ୍ମିକ ବିଜ୍ଞାନ ମଧ୍ୟରେ ବିରୋଧାଭାସର ଲେଶ ମଧ୍ୟ ଅବିଦ୍ୟମାନ। ଏହା ସ୍ୱୀକାର୍ଯ୍ୟ ଯେ ରାମକୃଷ୍ଣ ଓ ବିବେକାନନ୍ଦଙ୍କ ଗଭୀର ଆଧ୍ୟାତ୍ମିକତା ଓ ବ୍ୟାପକ ଉଦାର ଦୃଷ୍ଟିରୁ ଜାତି, ବର୍ଣ୍ଣ, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ମଣିଷ ମନର ସ୍ୱାଭାବିକ ଗତି ହେଉଛି ନିର୍ବିକଳ୍ପ ମନର ଉତ୍ତୁଙ୍ଗ ସ୍ତରକୁ । କେବଳ ଉପଯୁକ୍ତ ଶିକ୍ଷା ଓ ଅଜ୍ଞତାବଶତଃ ବସ୍ତୁ ଓ ଶରୀର ପ୍ରତି ଅତ୍ୟୋଧିକାତ୍ମକ୍ତ ହୋଇ ସାମଗ୍ରିକ ଭାବେ ତାର ଚେତନା ବହିର୍ମୁଖୀ ହୋଇଥାଏ।

ସ୍ୱାମୀ କୁହନ୍ତି ; ହେ ଅମୃତ, ଶାଶ୍ୱତ ସୁଖର ସନ୍ତାନ। ତଣ୍ଡେ ବସ୍ତୁ ବା ଶରୀର ନୁହଁ। ତୁମେ ବାସ୍ତବରେ ତରୁଣ ବସ୍ତୁତର ନୁହେଁ। ପ୍ରତ୍ୟେକ ଆତ୍ମା, ନିଜସ୍ୱ ଗୁଣରେ ଦିବ୍ୟତ୍ୱ। ଆମର ଲକ୍ଷ୍ୟହେବା ଉଚିତ, ବାହ୍ୟ ଓ ଅନ୍ତ ପ୍ରକୃତିକୁ ନିୟନ୍ତ୍ରଣ କରି ବିଦ୍ୟତ୍ୱର ପରିପ୍ରକାଶ କରିବା। ଏହା କରିବା ପାଇଁ ସାଧକ ହେଉଛି ପୂଜାପାଠ ବା ମନକୁ ନିୟନ୍ତ୍ରଣ କରିବା ବା ତତ୍ତ୍ୱ ଦର୍ଶନ। ଏଥିରୁ ଗୋଟିଏ ବା ସବୁ କଳାକୁ ସର୍ତ୍ତହୀନ ଭାବରେ ସମ୍ପାଦନ କରିବା ମନୁଷ୍ୟୋଚିତ ଧର୍ମ। ଏହା ବ୍ୟତୀତ ଯାହା କିଛି ହେଉଛି ମତବାଦ ବା ଅନ୍ଧବିଶ୍ୱାସ ବା କର୍ମକାଣ୍ଡ ବା ଗ୍ରନ୍ଥ କି ମନ୍ଦିର ଇତ୍ୟାଦି ପରବର୍ତ୍ତୀ ପର୍ଯ୍ୟାୟର କଥା।

ଆଧୁନିକ ମଣିଷ ସାଧାରଣ ପ୍ରାକୃତିକ ବିଜ୍ଞାନ, ରାଜନୀତି, ଅର୍ଥନୀତି ବଳରେ ଆଦିମ ସାମାଜିକ ସ୍ତରରୁ ସାଂପ୍ରତିକ ଉନ୍ନତି, ସଭ୍ୟସ୍ତରକୁ ଉନ୍ନୀତ ହୋଇଛି ସତ ; ମାତ୍ର ଅତି ପଣ୍ଡିତରେ ବାଇ ସମ ତତ୍‌ଜନିତ ମାନସିକ ଚାପ, ଭୟ, ଆତଙ୍କ, ଅଶାନ୍ତିର ଝଡ଼ରେ ସର୍ବଦା ଶିହରିତ, ଜର୍ଜରିତ ଓ ପୀଡ଼ିତ। ସେଥିପାଇଁ ଆଇନ୍‌ଷ୍ଟାଇନ୍ କହିଥିଲେ, 'ବିଜ୍ଞାନ ବିକୀରଣଶୀଳ ଧାତବ ପଦାର୍ଥର ପ୍ରକୃତିକୁ ପରିବର୍ତ୍ତନ କରିପାରେ ; ମାତ୍ର ମନୁଷ୍ୟ ହୃଦୟରେ ଥିବା ମନ୍ଦ ବା ଦୁଷ୍ଟ ପ୍ରକୃତିକୁ ନୁହେଁ। ଏଇ ସତ୍ୟକୁ ଦୃଷ୍ଟିରେ ରଖି ପ୍ରାଚୀନ ମୁନି, ଋଷିଗଣ ମଣିଷର ଅନ୍ତଃ ପ୍ରକୃତିରେ ଥିବା ଅସୀମ, ଅନନ୍ତ, ଅମୃତ ଐଶ୍ୱରୀୟ ସମ୍ଭାବନାମୟ ସତ୍ତାର ଉପଲବ୍ଧି କରିବା ହିଁ ପ୍ରକୃତ ଆଧ୍ୟାତ୍ମ ବିଦ୍ୟା। ସୁଖମ୍ ମହନ୍ତଷ୍ଟ, ପ୍ରତ୍ୟଗାତ୍ମା-ଭୁତଷ୍ଟ-ସ୍ଥୁଳ ବାହ୍ୟ ଶାରୀରିକ ଅବୟବରୁ ଅନ୍ତସ୍ଥ ସୂକ୍ଷ୍ମ, ସ୍ନାୟୁ ବ୍ୟବସ୍ଥିତ ମନସ୍ତାତ୍ତ୍ୱିକ ପର୍ଯ୍ୟାୟର ଊର୍ଦ୍ଧ୍ୱ ଅଦୃଶ୍ୟ, ଅକ୍ଷୟ, ଅବ୍ୟକ୍ତ ଆତ୍ମା- ଏକ, ଅନନ୍ୟ ଓ ଅଦ୍ୱିତୀୟ। ସ୍ୱାମୀଜୀଙ୍କ ମତରେ ଈଶ୍ୱରଙ୍କୁ ପୂଜା କରିବା ବାସ୍ତବରେ ଆମ ଭିତରେ ଲୁକ୍କାୟିତ ଆତ୍ମାକୁ ଆରାଧନା କରିବା। ଆମ ଭିତରେ ଥିବା ଜୈବିକ ବିଶ୍ୱାସକୁ, ଯଦି ଆମେ ଯଥାର୍ଥ ଭାବରେ ପ୍ରଶିକ୍ଷିତ ହୋଇ ସତ୍‌ମାର୍ଗରେ ଜଗତକଲ୍ୟାଣ ପାଇଁ ବିନିଯୋଗ କରନ୍ତେ ; ତେବେ ବର୍ତ୍ତମାନ ପୃଥିବୀର ବହୁତ ସମସ୍ୟା ଅକ୍ଳେଶରେ ସମାଧାନ ହୋଇଯାଆନ୍ତା। ପ୍ରାଚୀନ ଧର୍ମରେ ଈଶ୍ୱରଙ୍କୁ ବିଶ୍ୱାସ ନ କରୁଥିବା ଲୋକଙ୍କୁ ନାସ୍ତିକ କୁହାଯାଉଥିଲା। ମାତ୍ର ବର୍ତ୍ତମାନ କୁହାଯାଏ ; ଯେ ନିଜ ଉପରେ ବିଶ୍ୱାସ କରନ୍ତି ନାହିଁ ସେ ହିଁ ନାସ୍ତିକ। ସମନ୍ୱିତ ଦୃଷ୍ଟିରେ ଅନ୍ତ ଓ ବହିଃ ଜଗତରେ ଅନନ୍ୟ ଏକତ୍ୱରେ ନିସ୍ୱାର୍ଥପର ଆସ୍ଥା ପୋଷଣ କରିବା ହିଁ ସଚ୍ଚା ମଣିଷର ଧର୍ମ। ଧର୍ମ ହିଁ କର୍ମ। ରୋଲାଣ୍ଡ ବିବେକାନନ୍ଦଙ୍କ ଜୀବନୀ ପୁସ୍ତକର ପ୍ରାରମ୍ଭରେ ସ୍ୱାମୀଙ୍କ ଭାଷଣର ଉଦ୍ଧୃତ କରି ଲେଖିଛନ୍ତି, "ମନୁଷ୍ୟ ପ୍ରକୃତରେ ଯଶକୁ ଭୁଲନ୍ତୁ ନାହିଁ। ଆମେ ହିଁ ସର୍ବୋତ୍ତମ ଈଶ୍ୱର... ଖ୍ରୀଷ୍ଟ, ବୁଦ୍ଧ 'ମୁଁ' ତତ୍ତ୍ୱର ସୀମାହୀନ ତରଙ୍ଗ ମାତ୍ର।

ଇନ୍ଦ୍ରିୟ ସୁଖ ଓ ବୈଷୟିକ ସମ୍ଭୋଗର ପ୍ରବଣତା ବା ଆବେଗ ଓ ମନସ୍ତାତ୍ତ୍ୱିକତାକୁ ଏକମାତ୍ର ଆଧ୍ୟାତ୍ମିକତା ଜୟ କରିପାରେ। ଏହା ମାନବ ବିକାଶର ପ୍ରକୃତ ପଦକ୍ଷେପ। ଏହି ସତ୍ୟ ହିଁ ବେଦାନ୍ତ ସିଦ୍ଧାନ୍ତ ଓ ପ୍ରକୃଷ୍ଟ ମାନବିକତା।

# ଭାରତୀୟ ସଂସ୍କୃତିରେ ଯୋଗ

ଯୋଗାଚାର୍ଯ୍ୟ ଡଃ. ରମାକାନ୍ତ କର

ଭାରତୀୟ ସଂସ୍କୃତି ହିଁ ସର୍ବଶ୍ରେଷ୍ଠ ସଂସ୍କୃତି। ଭାରତ ହେଉଛି ପ୍ରତ୍ୟେକ ସାଧନାର ଉତ୍ପତ୍ତିସ୍ଥଳ। ପ୍ରଥମେ ସାଧକମାନଙ୍କ ମଧ୍ୟରୁ ଯୋଗସାଧନା ହିଁ ସର୍ବୋତ୍କୃଷ୍ଟ। ଏହାର କାରଣ ହେଉଛି ଏହି ପବିତ୍ର ଭାରତଭୂମିରେ ଅଗଣିତ ଯୋଗୀଋଷିଗଣ ଜନ୍ମଲାଭ କରି ଯୋଗସାଧନାର ଅଶେଷ ଉନ୍ନତି ସାଧନ କରିପାରିଛନ୍ତି। ଯୋଗର ଅର୍ଥ କ'ଣ ? ଯୋଗର ଅର୍ଥ ହେଉଛି ମିଳନ, ଗଣିତ ଶାସ୍ତ୍ରରେ ମିଶାଣ, ଆଧ୍ୟାତ୍ମବିଦ୍ୟାରେ ପୁଣ୍ୟାତ୍ମା ଓ ପରମାତ୍ମାର ମିଳନ, ରାଜନୀତି କ୍ଷେତ୍ରରେ ଶତ୍ରୁ ସହିତ ସନ୍ଧି ସ୍ଥାପନ ଇତ୍ୟାଦି। ଅମର କୋଷରେ "ଯୋଗ ସନ୍ନହନୋପାୟଧ୍ୟାନ ସଂଘାତ ଯୁକ୍ତିଷୁ"। ଅର୍ଥାତ୍ ଯୋଗ ଶବ୍ଦର ଅର୍ଥ କବଚ, ଉପାୟ, ଧ୍ୟାନ, ସଙ୍ଗମ, ଯୁକ୍ତି। ଚିତ୍ତର ସମସ୍ତ ପ୍ରକାରର ବୃତ୍ତିମାନଙ୍କ ଠାରୁ ନିଜର ସ୍ୱରୂପକୁ ସ୍ୱତନ୍ତ୍ର ଭାବରେ ରଖିବା ହିଁ ଯୋଗ। ତେଣୁ ଯୋଗଶାସ୍ତ୍ରରେ:-

"ଯୋଗଶ୍ଚିତ୍ତବୃତ୍ତିନିରୋଧଃ" ଇତି। ଯୋଗ ଚିତ୍ତବୃତ୍ତିର ନିରୋଧକ। ପ୍ରତ୍ୟେକ ପଦାର୍ଥକୁ ଦେଖିବା, ଶୁଣିବା, ଭାବିବା ଦ୍ୱାରା ମନ ଉପରେ ଯେଉଁ ପ୍ରଭାବ ପଡ଼େ, ତାହାକୁ ବୃତ୍ତି କହନ୍ତି। ଆତ୍ମାର ସମ୍ବନ୍ଧ ମନ ଓ ବୁଦ୍ଧି। ମନର ସମ୍ବନ୍ଧ ଇନ୍ଦ୍ରିୟମାନଙ୍କ ସହିତ ଏବଂ ଇନ୍ଦ୍ରିୟମାନଙ୍କର ସମ୍ବନ୍ଧ ବିଷୟ ସହିତ ରହିଥାଏ। ନେତ୍ର ଗୋଟିଏ ଇନ୍ଦ୍ରିୟ। ମନେକର ଗୋଟିଏ ଟୋପୀ ଆଗରେ ପଡ଼ିଛି। ଆଖି ପ୍ରଥମେ ଦେଖିଲା, ହଠାତ୍ ଏହାର ରୂପ ଚକ୍ଷୁର ପୁତଳୀ ଉପରେ ପଡ଼ିଥାଏ। ଆଖିରୁ ମସ୍ତକ ମଧ୍ୟଦେଇ ମନ ଉପରେ ଏହି ବସ୍ତୁର ରୂପ ଅଙ୍କିତ ହୋଇଯାଏ। ଏହି ମନ ଉପରେ ବସ୍ତୁର ପ୍ରଭାବକୁ ବୃତ୍ତି କହନ୍ତି। ଏହି ବୃତ୍ତିର ନିରୋଧର ନାମ ହିଁ ଯୋଗ। ଯେପରି ମନର ବୃତ୍ତି ରହିଥାଏ, ସେହି ବୃତ୍ତିଗୁଡ଼ିକର ପ୍ରଭାବରେ ମୃତ୍ୟୁ ଓ ଦୁଃଖର ଅନୁଭବ ହୁଏ। ଯେପରି ଚୁମ୍ବକ ଲୁହାକୁ ଅତି ଦର୍ପରେ ଟାଣିନିଏ, ସେହିପରି ବୃତ୍ତିଗୁଡ଼ିକ ବିଷୟଗୁଡ଼ିକୁ ଟାଣି ନେଇଯାଆନ୍ତି। ଯେପରି ପାଣିର ଲହରୀରେ ମୁହଁ ଦେଖାଯାଇନପାରେ, ଶିଳା ଦର୍ପଣ ମଧ୍ୟରେ ପ୍ରତିବିମ୍ବ ଦେଖାନଯାଇପାରେ, ସେହିପରି ଯଦି ମନର ପ୍ଲେଟ ନିର୍ମଳ ନରହେ, ତାହାହେଲେ ନିଜର ସ୍ୱରୂପକୁ ଅନୁଭବ କରାଯାଇପାରେନା। ଏହି ଏକାଗ୍ରତାର ନାମ ହିଁ ଯୋଗ ଏବଂ ଆକର୍ଷଣ-ବିକର୍ଷଣ ସବୁ ହିଁ ଏହାର ଶାଖାସ୍ୱରୂପ।



> "ଯୋଗଶ୍ଚିତ୍ତବୃତ୍ତିନିରୋଧଃ" ଇତି। ଯୋଗ ଚିତ୍ତବୃତ୍ତିର ନିରୋଧକ। ପ୍ରତ୍ୟେକ ପଦାର୍ଥକୁ ଦେଖିବା, ଶୁଣିବା, ଭାବିବା ଦ୍ୱାରା ମନ ଉପରେ ଯେଉଁ ପ୍ରଭାବ ପଡ଼େ, ତାହାକୁ ବୃତ୍ତି କହନ୍ତି। ଆତ୍ମାର ସମ୍ବନ୍ଧ ମନ ଓ ବୁଦ୍ଧି। ମନର ସମ୍ବନ୍ଧ ଇନ୍ଦ୍ରିୟମାନଙ୍କ ସହିତ ଏବଂ ଇନ୍ଦ୍ରିୟମାନଙ୍କର ସମ୍ବନ୍ଧ ବିଷୟ ସହିତ ରହିଥାଏ

ଏହିପରି ଏକ ସମୟ ଥିଲା, ଯେତେବେଳେ ଯୋଗୀଶ୍ୱର ଓ ମୁନୀଶ୍ୱରମାନଙ୍କର କୃପାରୁ ଭାରତବର୍ଷରେ ଯୋଗର ଏପରି ପ୍ରଚାର ଥିଲା। "ଆମର ଜନ୍ମ ହେଉ ସେହି ଭାରତବର୍ଷରେ।" ଆଜି ସେହି ପବିତ୍ର ବିଦ୍ୟା ଉପରେ ସ୍ୱୟଂ ଭାରତବର୍ଷର ଜନସାଧାରଣ ହିଁ ବିଶ୍ୱାସ କରୁନାହାନ୍ତି। ତାହା ଅତି ନିନ୍ଦନୀୟ ବିଷୟ। ଏହାର ସମ୍ବନ୍ଧରେ ପୁରାଣରେ ମଧ୍ୟ ବର୍ଣ୍ଣନା ରହିଛି।

ଯେତେବେଳେ କୁରୁକ୍ଷେତ୍ରରେ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ଲାଗିଥିଲା, ସେତେବେଳେ ସଞ୍ଜୟ ହସ୍ତିନାପୁରରେ ବସି ବସି କୁରୁକ୍ଷେତ୍ର ଠାରୁ ମାଇଲ ପରିମିତ ଦୂରରେ ସମାଚାର ଧୃତରାଷ୍ଟ୍ରଙ୍କୁ ଶୁଣାଉଥିଲେ। କହ, ତାଙ୍କରି ପାଖରେ କ'ଣ କୌଣସି ଟେଲିଗ୍ରାମ ଥିଲା, ଯଦ୍ୱାରା ସେ ଏତେଗୁଡ଼ାଏ ସମ୍ବାଦ ଥରକୁ ଥର ଦେବାକୁ ଲାଗୁଥିଲେ ? ନା, ଏହା ହିଁ ହେଉଛି ଯୋଗର ବଳ। ଯେତେବେଳେ ନିଜର ଭାଇମାନଙ୍କୁ ଦେଖି ଅର୍ଜୁନ ନିଜର ଶସ୍ତ୍ରକୁ ତ୍ୟାଗ କରିଥିଲେ ଏବଂ ଯୁଦ୍ଧ ବିମୁଖ ହୋଇ ବସିଥିଲେ। ସେତେବେଳେ ମଧ୍ୟ ଶ୍ରୀକୃଷ୍ଣ ଭଗବାନ ଅର୍ଜୁନଙ୍କୁ ନିଜର ବିରାଟ ସ୍ୱରୂପ ଦେଖାଇଥିଲେ ଏବଂ ଯୁଦ୍ଧରେ ଯାହା ହେବାକୁ ଥିଲା, ତା'ର ସମସ୍ତ ରୂପକୁ ସମ୍ମୁଖକୁ ଆଣି ଅର୍ଜୁନଙ୍କୁ ପ୍ରତ୍ୟକ୍ଷ ଦୃଷ୍ଟିଗୋଚର କରାଇଦେଇଥିଲେ। ଯାହାକୁ ଦେଖି ଅର୍ଜୁନଙ୍କୁ ପୁଣି ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିଥିଲା। ତାହା ହେଲେ ଏହା କ'ଣ ଥିଲା ? ଯୋଗାଭ୍ୟାସ କରିବ ତ ତୁମର ପାଦ ନିଶ୍ଚୟ ଖୋଲିଯିବ ଏବଂ ତୁମେ ପ୍ରତ୍ୟେକ କାର୍ଯ୍ୟ କରିବା ପାଇଁ ସମର୍ଥ ହେବ। କାରଣ ଯୋଗ ହେଉଛି କର୍ମର କୁଶଳତା। ତେଣୁ ଗୀତାରେ "ଯୋଗକର୍ମସୁ କୌଶଳମ୍"। ବୋଲି ବର୍ଣ୍ଣିତ ମଧ୍ୟ।

"ସଂସାରାର୍ଣ୍ଣବମଷ୍ଟାନାଂ ତତ୍ର ଦୁର୍ଲ୍ଲଭଂ ବିଷୟୈଷିଣାମ୍ ॥"

ଅର୍ଥାତ୍ ଏହି ଦୁଃଖ ସମୁଦ୍ରକୁ ପାର ହେବା ପାଇଁ ଯେଉଁ ଜ୍ଞାନ ମାର୍ଗ ରହିଛି, ତାହା କେବଳ ଯୋଗୀମାନଙ୍କ ପାଇଁ ସୁଲଭ ହୋଇଥାଏ। ବିଷୟୀମାନଙ୍କ ପାଖରେ ଦୁର୍ଲ୍ଲଭ ହୋଇଥାଏ।

ଓଡ଼ିଶା ନିଶବ୍ଦ
ନିର୍ଭିକ ଓ ନିରପେକ୍ଷ ଖବର
ODISHA NISHABDA
epaper.odishanishabda.com

# ଅନ୍ତ୍ୟୋଦୟ ଗୃହ ଯୋଜନା:୨,୯୧,୬୬୬ ଲୋକଙ୍କୁ ମିଳିବ ଘର



**ଭୁବନେଶ୍ୱର:** ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ୨,୯୧,୬୬୬ ନୂଆ ଘର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହି ଯୋଜନାର କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି କରାଯାଇ ୨୦୨୭ ପରିବର୍ତ୍ତେ ୨୦୨୯ ପର୍ଯ୍ୟନ୍ତ ସମୟ ଅବଧି ବୃଦ୍ଧି କରାଯାଇଛି। ରାଜ୍ୟରେ ସମସ୍ତଙ୍କ ପାଇଁ ଘର ଯୋଗାଇ ଦେବାର ଲକ୍ଷ୍ୟ ଖୁବ୍ ଶୀଘ୍ର ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଏହି ଯୋଜନାର ସମୁଦାୟ ପ୍ରକଳ୍ପ ଖର୍ଚ୍ଚ ୭,୫୫୦ କୋଟି ଟଙ୍କା ପୂର୍ବପରି ଅପରିବର୍ତ୍ତିତ ରହିବ। ଏହି ପ୍ରକଳ୍ପର ୩,୫୦୦ କୋଟି ଟଙ୍କା ମରାମତି ଅଂଶଧନକୁ ନୂଆ ଘର ନିର୍ମାଣ ପାଇଁ ନିଷ୍ପତ୍ତି କରାଯାଇଛି। ଏହି ଯୋଜନାରେ ଯେଉଁ ହିତାଧିକାରୀମାନେ ୪୮, ୫୦୦ ଟଙ୍କା କିମ୍ବା ତାଠାରୁ କମ ପାଇଥିବେ ଏବଂ ଅନ୍ୟ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହେବେ। ଏଥିପାଇଁ ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଶୀଘ୍ର ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହି ଯୋଜନାରେ ପୂର୍ବ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପରିମାଣରେ ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ୪ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୫ ମାସରେ ଘର ଶେଷ କଲେ ୩୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ସେହିପରି ୬ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳୁଥିବା ବେଳେ ଏବେ ୭ ମାସରେ ଘର ଶେଷ କଲେ ୨୦ ହଜାର ଟଙ୍କା ମିଳିବ। ଏହାଦ୍ୱାରା ଆହୁରି ଅଧିକ ବ୍ୟକ୍ତି ଏହି ଯୋଜନାର ଲାଭ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ୫ ଲକ୍ଷ ପରିବାରଙ୍କ ପାଇଁ ଘର ନିର୍ମାଣ କରିବାର ଲକ୍ଷ୍ୟ ରହିଥିଲା। ମୁଖ୍ୟତଃ ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇନଥିବେ ତଥା ଗରିବ ଓ ଅସହାୟ ପରିବାର ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

# କିଡ୍‌ନୀ ରୋଗୀଙ୍କ ଗାଁ 'ଅମାସମା'





ଅନୁଗୋଳ: ପାହାଡ଼ ତଳେ ରହିଛି ଛୋଟ ଗାଁଟିଏ। ମାତ୍ର ୫୦ ପରିବାର ରୁହନ୍ତି। ହେଲେ ଗତ ୩ ବର୍ଷରେ କିଡ୍‌ନି ରୋଗ ଏ ଗାଁର ୧୮ ଲୋକଙ୍କ ଜୀବନ ନେଲାଣି। ଏବେ ବି ଗାଁରେ ଅଛନ୍ତି ୧୫ରୁ ଅଧିକ କିଡ୍‌ନି ରୋଗୀ। ପ୍ରତି ମାସେ ଦି'ମାସରେ ନୂଆ ନୂଆ କିଡ୍‌ନି ରୋଗୀ ଚିହ୍ନଟ ହେଉଛନ୍ତି। ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର 'ଅମାସମା'ରେ ଦେଖିବାକୁ ମିଳିଛି ଏଭଳି ସାଂଘାତିକ ଚିତ୍ର।

ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ସାଢ଼େ ୪ କିଲୋମିଟର ଦୂର ଗଲେ ପଡ଼େ ଅମାସମା ଗାଁ। ଏ ପାହାଡ଼ିଆ ଗାଁରେ ଅଛି ୩ଟି ସାହି। ୫୪ଟି ପରିବାରର ୨୫୦ ଲୋକ ବାସକରନ୍ତି। ସବୁଜିମାଭରା ଗଛପତ୍ର ଥାଇ ବି ଗାଁ ଲୋକେ ଏବେ ଅଣନିଶ୍ୱାସୀ। କିଡ୍‌ନି ରୋଗ ଏବେ ସେମାନଙ୍କ ପାଇଁ କାଳ ସାଜିଛି। ପ୍ରତିବର୍ଷ ଗାଁରେ କାହାର ଭେଣ୍ଡିଆ ପୁଅ କିଡ୍‌ନି ରୋଗର ଶିକାର ହେଉଛି ତ' ଆଉ କାହା ସ୍ୱାମୀର ଜୀବନ ଅକାଳରେ ଝଡ଼ିପଡୁଛି। ଏମିତିକି ଗାଁର ଛୋଟପିଲା ଓ କିଛି ବର୍ଷ ହେଲା ବୋହୂ ହୋଇଆସିଥିବା ମହିଳା ବି ଏଥିରୁ ମୁକୁଳି ପାରୁନାହାନ୍ତି। ଗାଁର ଜୟନ୍ତୀ ପଧାନ କହିଛନ୍ତି, ବର୍ଷତମାମ ସେମାନଙ୍କୁ ଭଲ ପାଣି ମୁନ୍ଦେ ମିଳେନି। ଭଲ ରାସ୍ତାଟିଏ ନଥିବା ଗାଁକୁ ଟ୍ୟାପ୍ ପାଣି ଯୋଗାଇବ କିଏ? ଗାଁରେ ଥିବା ନଳକୂଅରୁ ବାହାରୁଥିବା କଳଙ୍କିମିଶା ପାଣି ହିଁ ସେମାନଙ୍କ ଏକମାତ୍ର ଭରସା। ଏହି ଦୂଷିତ ପାଣି ହିଁ ରୋଗର କାରଣ। ଏନେଇ ବାରମ୍ବାର ଅଭିଯୋଗ କଲେ କିଛି ବାବୁ ଆସନ୍ତି, ନଳକୂଅ ପାଣିକୁ ବୋତଲରେ ପୂରାଇ ପରୀକ୍ଷା ପାଇଁ ନିଅନ୍ତି। ହେଲେ କ'ଣ ବାହାରିଲା କେବେ ଜଣାନ୍ତିନି କି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତର ବି ପଠାନ୍ତିନି।

ଗାଁର ଜଣେ ବୟସ୍କ ଲୋକ କହିଛନ୍ତି, ଗଲା ୩ ବର୍ଷରେ ଗାଁରେ ୧୮ ଜଣ ଲୋକଙ୍କ ମୃତ୍ୟୁ ହେଲାଣି। ହେଲେ, ସରକାର ତାଙ୍କ ଗାଁ ପ୍ରତି ଆଖି ବୁଜିଦେଇଛନ୍ତି। ପାଣି ଯୋଗୁଁ ଲୋକଙ୍କ ଜୀବନ ଯାଉଥିବା ଆଶଙ୍କାରେ ଏବେ ଗାଁର ବହୁ କିଡ୍‌ନି ରୋଗୀଙ୍କ ପରିବାର ଲୋକ ଠାକୁରଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ଆକ୍ୱାଗାର୍ଡରୁ ବୋତଲରେ ପାଣି ଆଣି ପିଉଛନ୍ତି। ହେଲେ ରୋଷେଇବାସ ସହ ଅନ୍ୟସବୁ ନିତ୍ୟକର୍ମ ସେହି କଳଙ୍କିମିଶା ନାଲି ରଙ୍ଗର ପାଣିରେ ହିଁ କରିବାକୁ ପଡୁଛି। ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମଦନମୋହନ ପ୍ରଧାନ କହିଛନ୍ତି, କେବଳ ଅମାସମା ଗାଁ ନୁହେଁ, ଅନୁଗୋଳ ଜିଲ୍ଲାର ବିଭିନ୍ନ ଗାଁରେ ଏବେ ବହୁସଂଖ୍ୟକ କିଡ୍?ନି ରୋଗୀ ଦେଖିବାକୁ ମିଳୁଛନ୍ତି। କିନ୍ତୁ, କିଡ୍‌ନି ରୋଗ ବ୍ୟାପିବାର ବାସ୍ତବ କାରଣ ଜଣାପଡୁନି। ଏହାର କାରଣ ଜାଣିବାକୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ସହାୟତାରେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଷ୍ଟଡି କରାଯିବ। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର) ଭୁବନେଶ୍ୱର ଶାଖା ଜରିଆରେ ଅନୁଧ୍ୟାନ ପରେ କେଉଁ ଅଞ୍ଚଳରେ କେଉଁ କାରଣରୁ କିଡ୍‌ନି ରୋଗ ବ୍ୟାପୁଛି, ତାହା ସ୍ପଷ୍ଟ ହୋଇପାରିବ ଏବଂ ତାହାର ପ୍ରତିକାର କରାଯାଇପାରିବ ବୋଲି ଡାକ୍ତର ପ୍ରଧାନ ସୂଚନା ଦେଇଛନ୍ତି।

# ହାଇକୋର୍ଟ ନିକଟରୁ ଉଠିଯିବ ସବୁ ସରକାରୀ କାର୍ଯ୍ୟାଳୟ

## ରାଜସ୍ୱ ପର୍ଷଦ, କେନ୍ଦ୍ରାଞ୍ଚଳ ଆରଡିସି, ଆଇଜିଆର, ଜମି ରେକର୍ଡ କାର୍ଯ୍ୟାଳୟ ଉଠିଯିବ



**କଟକ:** ଓଡ଼ିଶା ହାଇକୋର୍ଟ ଚାରିପଟ ଅଞ୍ଚଳରେ ଥିବା ଅନ୍ୟ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯିବ। ସେଠାରେ କେବଳ ଅଦାଲତ ଅଥବା ଆଇନ ବିଭାଗ ସହ ଜଡ଼ିତ କାର୍ଯ୍ୟାଳୟ ରହିବ। ଏ ପ୍ରକାର ଏକ ନୂଆ ଯୋଜନା ସହିତ ହାଇକୋର୍ଟ ଅଞ୍ଚଳକୁ ନୂଆ ରୂପ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଯଦିଓ ଏ ସଂକ୍ରାନ୍ତରେ କୌଣସି ଔପଚାରିକ ଘୋଷଣା ହୋଇନାହିଁ, ତଥାପି ପୂର୍ତ୍ତ ବିଭାଗ ଡିପିଆର ପ୍ରସ୍ତୁତ କରିଛି।

ଗତବର୍ଷ ଅଗଷ୍ଟରେ ବିଡ଼ାନାସୀ କୃଷକବଜାର ନିକଟରେ ଜିଲ୍ଲାପାଳଙ୍କ ନୂତନ କୋଠାକୁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ। ୨ ବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ସ୍ଥିର ହୋଇଛି। ପ୍ରାୟତଃ ୨୦୨୮ ବେଳକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଫିସ୍‌ଗୁଡ଼ିକ ବିଡ଼ାନାସୀକୁ ଚାଲିଯିବ। ପାଖାପାଖି ୫ଏକର ଜମିରେ ଜି+୫ କୋଠା ନିର୍ମାଣ ଜାରି ରହିଛି। ଏହା ପାଖକୁ କିଛି ଖାଲି ଜାଗା ଚିହ୍ନଟ କରାଯାଇଛି। ସେଠାକୁ ରାଜସ୍ୱ ପର୍ଷଦ କୋଠାରେ କାର୍ଯ୍ୟ କରୁଥିବା ସମସ୍ତ କାର୍ଯ୍ୟାଳୟ ଓ କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ଚାଲିଯିବ। ସେହିଭଳି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟକୁ ପ୍ରେସ୍‌ଛକର ନିଜସ୍ୱ କୋଠାକୁ ସ୍ଥାନାନ୍ତର ପାଇଁ ଯୋଜନା ପ୍ରସ୍ତୁତ ହୋଇଯାଇଛି। ରାଜସ୍ୱ ପର୍ଷଦର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଚାଲୁଥିବା ବେଳେ ରାଜସ୍ୱ ପର୍ଷଦ କୋଠାରେ ଆଇଜିଆର, ଏସ୍‌ଟିଏ, କ୍ୟାଟ୍‌ର, ଜମି ରେକର୍ଡ ଓ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଚକବନ୍ଦୀ କମିସନର, କଟକ ଏନ୍‌ଆଇସି ଭଳି ପାଖାପାଖି ୧୦ଟି କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ଆରଡିସିଙ୍କ କୋଠାରେ ଭିନ୍ନଭିନ୍ନ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଏଣୁ ଜନଗହଳି ଏଠାରେ ଲାଗି ରହିଥାଏ। ପୂର୍ତ୍ତ ବିଭାଗର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ନୂଆ କୋଠା ପାଇଁ ଏବେ ଡିପିଆର ପ୍ରସ୍ତୁତ ଚାଲିଛି। ୮ରୁ୧୦ ମହଲା ବିଶିଷ୍ଟ କୋଠାରେ ରାଜସ୍ୱ ପର୍ଷଦ ସହିତ ଅନ୍ୟାନ୍ୟ କାର୍ଯ୍ୟାଳୟ ଓ ଆରଡିସି ଅଫିସ୍ ରହିବ। ଅନ୍ୟପଟେ ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଆଇନ ବିଭାଗ କାର୍ଯ୍ୟାଳୟ ହାଇକୋର୍ଟ ନିକଟରେ କାର୍ଯ୍ୟ କରିବାର ଯୋଜନା ପ୍ରସ୍ତୁତ ସରିଛି।

# ଦେଶରେ ବିଦ୍ୟୁତ୍ ସଙ୍କଟ ! ବଢ଼ିଲା ଚିନ୍ତା

**ନୂଆଦିଲ୍ଲୀ :** ଗତ କିଛି ମାସ ମଧ୍ୟରେ ଦେଶ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସମ୍ପର୍କିତ ସଙ୍କଟର ସାମ୍ନା କରିଥିବା ବେଳେ ଏବେ ବିଦ୍ୟୁତ୍ ସଙ୍କଟ ଚିନ୍ତା ବଢ଼ାଇଛି। ବର୍ଷର ଶେଷ ତ୍ରୈମାସିକ ପୂର୍ବରୁ ଦେଶରେ ବିଦ୍ୟୁତ୍ ? ଚାହିଦା ଓ ଯୋଗାଣ ମଧ୍ୟରେ ଅନ୍ତର ବଢ଼ିବାରେ ଲାଗିଛି। କୋଇଲାରୁ ବିଦ୍ୟୁତ୍ ? ଉତ୍ପାଦନ ବଢ଼ିଥିଲେ ମଧ୍ୟ ଚାହିଦା ଅନୁଯାୟୀ ଯୋଗାଣ ହୋଇପାରୁନାହିଁ। ଫଳରେ ଦେଶର ଅନେକ ରାଜ୍ୟ ଅତିରିକ୍ତ ବିଦ୍ୟୁତ୍ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେପ୍ଟେମ୍ବର ୨୦୨୬ରେ ଭାରତରେ ବିଦ୍ୟୁତ୍ ଅଭାବ ବଢ଼ି ୫୬ କୋଟି ୟୁନିଟ (୫୬୦ ନିୟୁତ କିଲୋୱାଟ ଆୱାର)ରେ ପହଞ୍ଚିଛି। ଅଗଷ୍ଟ ୨୦୨୩ ପରଠାରୁ ଏହା ସବୁଠାରୁ ବଡ଼ ବିଦ୍ୟୁତ୍ ସଙ୍କଟ ବୋଲି କୁହାଯାଉଛି। ଦେଶର ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଛତିଶଗଡ଼ ଓ ଦିଲ୍ଲୀରେ ବିଦ୍ୟୁତ୍ ଅଭାବ ଦେଖାଦେଇଛି। ଚାହିଦା ପୂରଣ କରିବା ପାଇଁ ଏହି ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଅତିରିକ୍ତ ବିଦ୍ୟୁତ୍ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ବିଶେଷକରି ରାତି ସମୟରେ ବିଦ୍ୟୁତ୍ ଅଭାବକୁ ଏଡ଼ାଇବା ପାଇଁ ରାଜ୍ୟଗୁଡ଼ିକ ବିକଳ୍ପ ବ୍ୟବସ୍ଥା କରୁଛନ୍ତି।

# ଭତ୍ତା ବିନା ଭିକ୍ଷାବୃତ୍ତିରେ ବଞ୍ଚିଛନ୍ତି ବୁଢ଼ାବୁଢ଼ୀ



**କାଳିଆପାଣି :** ପିଢ଼ି ପରେ ପିଢ଼ି ଉପେକ୍ଷିତ ହୋଇରହିଥିବା ବିଲୁପ୍ତ ମାଙ୍କିଡ଼ିଆ ଜନଜାତିର ୬ ବୁଢ଼ାବୁଢ଼ୀଙ୍କୁ ମୃତ ଦର୍ଶାଇ ବିଭାଗୀୟ କର୍ତ୍ତୃପକ୍ଷ ଭତ୍ତା ବନ୍ଦ୍ କରିଦେଇଥିବା ସାଧାରଣରେ ଅଭିଯୋଗ ହୋଇଛି। ସୁକିନ୍ଦା ବ୍ଲକ ରାଁସୋଳ ପଞ୍ଚାୟତ ୧୦ ନମ୍ବର ୱାର୍ଡ ମାଙ୍କିଡ଼ିଆ ବସ୍ତିର ନିରିକା ମାଙ୍କିଡ଼ିଆ(୭୦) ଓ କର ମାଙ୍କିଡ଼ିଆ(୭୮) ଦମ୍ପତି, ନୁପାଲ ମାଙ୍କିଡ଼ିଆ(୭୨) ଓ ଗୁରୁ ମାଙ୍କିଡ଼ିଆ(୭୭) ଦମ୍ପତି ଏବଂ କବିରାଜ ମାଙ୍କିଡ଼ିଆ(୭୦), ସ୍ୱର୍ଗତ ସାଲଖାନ ମାଙ୍କିଡ଼ିଆଙ୍କ ପତ୍ନୀ ବିଧବା ଗଡ଼ଇ ମାଙ୍କିଡ଼ିଆ(୭୨) ଓ ଭୀମଟାଙ୍ଗର ଗାଁର ବିଧବା ଗୋଲାପ ମହାନ୍ତ(୬୬) ଏବେ ଭତ୍ତା ଅଭାବରୁ ବାଧରେ ଭିକ୍ଷାବୃତ୍ତିକୁ ଆପଣାଇଛନ୍ତି। ଭଙ୍ଗାଦଦରା କୁଡ଼ିଆରେ ଅତି ଦୟନୀୟ ଭାବେ ରହୁଥିବା ଏହି ୭ ବରିଷ୍ଠ ନାଗରିକମାନଙ୍କ ପାଇଁ ପରିଣତ ବୟସରେ ସମ୍ବଳ ହୋଇଥିବା ଭତ୍ତା ଟଙ୍କା ଅଭାବରୁ ସମସ୍ତଙ୍କ ମାନସିକ ଭାବେ ଭାଙ୍ଗି ପଡ଼ିଛନ୍ତି। ସରକାରୀ ସମ୍ବଳ ବିନା ସ୍ୱାଭିମାନ ହରାଇ ସବୁଦିନ ପର ଦୁଆରେ ହାତ ପାତିବାକୁ ପଡୁଥିବା ଦର୍ଶାଇ ନିରିକା, ନୁପାଲ ଓ ଗଡ଼ଇ କାନ୍ଦି ପକାଇଥିଲେ। ବାରମ୍ବାର ବ୍ୟାଙ୍କ ଯାଇ ନିରାଶ ହେବା ପରେ ଦୁଃଖ ଜଣାଇବା ପାଇଁ ୪ ମାସ ଧରି ସେମାନେ ଘର ଠାରୁ ୫ କିଲୋମିଟର ଚାଲିଚାଲି ପଞ୍ଚାୟତ ଅଫିସ ଯାଉଛନ୍ତି। ସରପଞ୍ଚ ଓ ପିଇଓଙ୍କୁ ଗୁହାରି ସତ୍ତ୍ୱେ କେହି ତାଙ୍କ ଆପତ୍ତି ଓ ଅଭିଯୋଗ ଶୁଣୁନଥିବା ସମସ୍ତେ ଅଭିଯୋଗ କରନ୍ତି। ସରକାରଙ୍କ ଖାତାରେ ତମେ ସବୁ ମରିଯାଇଛ ବୋଲି ଜଣେ ବାବୁଙ୍କଠାରୁ ଶୁଣିଲା ପରେ ମୁଣ୍ଡ ଘୂରାଇ ଦେଇଥିଲା ବୋଲି କର ମାଙ୍କିଡ଼ିଆ ଓ ଗୁରୁ ମାଙ୍କିଡ଼ିଆ କହନ୍ତି। 'ଆଜ୍ଞା ଆମକୁ ଦେଖ, ଆମେ ବଞ୍ଚିଛୁ, ଭତ୍ତା ଗଣ୍ଡାକ ଦେଇଦିଅ' ବୋଲି ବାରମ୍ବାର କହୁଛନ୍ତି। ତଥାପି ସେମାନଙ୍କୁ ଭତ୍ତା ମିଳୁନଥିବାର ଦୁଃଖ ବଖାଣି ଅସହାୟତା ପ୍ରକାଶ କରିଥିଲେ। ରାସନ ଚାଉଳ ଗଣ୍ଡାକ ସିଝାଇ ଭାତଲୁଣ ଖାଇ ବଞ୍ଚିଛୁ। ବୁଢ଼ାବୁଢ଼ୀ ବୟସରେ ବାଡ଼ି ଧରି ଆଉ କେତେଦିନ ଏମିତି ଭିକମାଗି ବଞ୍ଚିବୁ ବୋଲି ସେମାନେ ଓଲଟା ପ୍ରଶ୍ନ କରିଥିଲେ।

## କଳିଙ୍ଗନଗରରେ ଶିଳ୍ପ ମହାସମାରୋହ

# ୧୪ ଜିଲ୍ଲା ପାଇଁ ୩୯,୩୮୩ କୋଟିର ୪୬ ପ୍ରକଳ୍ପ, ୪୨ ହଜାର ନିଯୁକ୍ତି



**ଭୁବନେଶ୍ୱର:** ଯାଜପୁରଜିଲ୍ଲା କଳିଙ୍ଗନଗରଠାରେ ଅନୁଷ୍ଠିତ ଏକ ବୃହତ ଶିଳ୍ପ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୧୪ଟି ଜିଲ୍ଲାରେ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ କରିଥିଲେ। ଏହି ଶିଳ୍ପ ଗୁଡିକ ରାଜ୍ୟର ୧୪ଟି ଜିଲ୍ଲାରେ- ଅନୁଗୋଳ, ବରଗଡ, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ। ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା ରଖାଯାଇଛି।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ଦ୍ୱିତୀୟ ଶିଳ୍ପ ବିପ୍ଳବର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ ହୋଇଛି। ରାଜ୍ୟରେ ବିଜେପି ସରକାର ଆସିବା ପୂର୍ବରୁ ଶିଳ୍ପ ନିବେଶ କେବଳ ଏକ ସ୍ଲୋଗାନ ଏବଂ ପ୍ରଚାର ପ୍ରସାରର ମାଧ୍ୟମ ହୋଇ ରହିଥିଲା। କିନ୍ତୁ ଆମେ ପ୍ରତିଟି ବୁଝାମଣାପତ୍ରକୁ ବାସ୍ତବ ରୂପ ଦେଇ କାରଖାନା ନିର୍ମାଣ କରି ଉତ୍ପାଦନ ଆରମ୍ଭ କରିଛୁ ଏବଂ ଆମର ଓଡ଼ିଆ ପୁଅ-ଝିଅମାନଙ୍କୁ ନିଯୁକ୍ତି ଦେବାରେ ସମର୍ଥ ହୋଇଛୁ। ସେ ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ପୂର୍ବୋଦୟ' ପରିକଳ୍ପନାର କେନ୍ଦ୍ରରେ ରହିଛି ଓଡ଼ିଶା। ଆଗାମୀ ଦଶ ବର୍ଷ ଭିତରେ ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ଆମେ 'ସମୃଦ୍ଧ ଓଡ଼ିଶା' ଗଠନର ଲକ୍ଷ୍ୟ ରଖିଛୁ।

ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସ୍ଥାପିତ ହେବା ଉଚିତ। ଏହି ନୀତିକୁ ଆଧାର କରି କେନ୍ଦୁଝର ଓ ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି। ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୧୫୧ ଗୋଟି ପ୍ରକଳ୍ପର ଭୂମିପୂଜନ କିମ୍ବା ଉଦ୍ ?ଘାଟନ କରାଯାଇ ୩ ଲକ୍ଷ ୧୧ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ ହୋଇଥିବାବେଳେ ଏହାଦ୍ୱାରା ୨ ଲକ୍ଷ ୪୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପଥ ଉନ୍ମୁକ୍ତ ହୋଇଛି। ଆଜିର ପ୍ରକଳ୍ପକୁ ମିଶାଇଲେ ରାଜ୍ୟରେ ସମୁଦାୟ ୩ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ୍ ବା ଶୁଭାରମ୍ଭ ହେଲା।

ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜେଏସ୍‌ଏଲ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହ ଆରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଦେଇଥିଲେ ।

# ଦୀପାବଳିରେ ମହିଳାଙ୍କୁ ମିଳିବ ମାଗଣା ଗ୍ୟାସ ସିଲିଣ୍ଡର

**ନୂଆଦିଲ୍ଲୀ :** ଉତ୍ତର ପ୍ରଦେଶର ଯୋଗୀ ସରକାର ରାଜ୍ୟର କୋଟି କୋଟି ଗରିବ ପରିବାରଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ବଢୁଥିବା ମହଙ୍ଗା ମାଡ଼ ମଧ୍ୟରେ ରୋଷେଇ ଗ୍ୟାସର ବର୍ଦ୍ଧିତ ଖର୍ଚ୍ଚରୁ ଆଶ୍ୱସ୍ତି ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀ ମହିଳାମାନଙ୍କୁ ମାଗଣାରେ ଏଲପିଜି ସିଲିଣ୍ଡର ରିଫିଲ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନା ଅଧୀନରେ ଉତ୍ତର ପ୍ରଦେଶର ପ୍ରାୟ ୧.୮୬ କୋଟି ମହିଳାଙ୍କୁ ବର୍ଷକୁ ୨ ଥର ସବ୍‌ସିଡି ଦିଆଯାଏ। ପ୍ରଥମେ ଦୀପାବଳି ଏବଂ ଦ୍ୱିତୀୟ ଥର ହୋଲି ଅବସରରେ ଏହି ସୁବିଧା ମିଳିଥାଏ। ମାଗଣା ଗ୍ୟାସ ସିଲିଣ୍ଡର ରିଫିଲ ପାଇଁ ଉଦ୍ଦିଷ୍ଟ ସମ୍ପୂର୍ଣ୍ଣ ସବ୍‌ସିଡି ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯିବ। ଜାଣନ୍ତୁ, ଦୀପାବଳିର ଏହି ଉପହାରର ଲାଭ ଆପଣ କିପରି ପାଇପାରିବେ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ମାଗଣା ଏଲପିଜି ରିଫିଲର ଏହି ସୁବିଧା ଦୁଇଟି ପର୍ଯ୍ୟାୟରେ ମିଳିବ। ପ୍ରଥମ ମାଗଣା ରିଫିଲ ଅକ୍ଟୋବରରୁ ଡିସେମ୍ବର ୨୦୨୬ ମଧ୍ୟରେ ଏବଂ ଦ୍ୱିତୀୟ ମାଗଣା ରିଫିଲ ଜାନୁଆରୀରୁ ମାର୍ଚ୍ଚ ୨୦୨୭ ମଧ୍ୟରେ ହୋଲି ଅବସରରେ ମିଳିବ। ଦୀପାବଳି ସମୟରେ ଆପଣଙ୍କୁ ନିଜ ସମ୍ପୃକ୍ତ ଗ୍ୟାସ ଏଜେନ୍ସି (ଇଣ୍ଡେନ, ଭାରତ ଗ୍ୟାସ କିମ୍ବା ଏଚପି ଗ୍ୟାସ) ମାଧ୍ୟମରେ ସାଧାରଣ ନିୟମ ଅନୁଯାୟୀ ସିଲିଣ୍ଡର ବୁକ କରିବାକୁ ପଡ଼ିବ। ସିଲିଣ୍ଡର ଡେଲିଭରି ସମୟରେ ଏହାର ନିର୍ଦ୍ଧାରିତ ମୂଲ୍ୟ ଦେବାକୁ ହେବ।

# ସ୍ୱାଭିମାନ ଅଞ୍ଚଳରେ ହଳଦୀ: ଶହେ ଟନ୍‌ରୁ ୬ହଜାର ଟନ୍‌କୁ ବୃଦ୍ଧି





**ମାଲକାନଗିରି:** ସ୍ୱାଭିମାନ ଅଞ୍ଚଳ ସମୃଦ୍ଧି ପଥରେ ଅଗ୍ରସର ହେଉଛି। ଅଞ୍ଚଳବାସୀ ଆତ୍ମନିର୍ଭରଶୀଳ ହେବା ସହ ସଫଳତାର ନୂଆ ଅଧ୍ୟାୟ ଲେଖୁଛନ୍ତି। ହଳଦୀ ଚାଷ କ୍ଷେତ୍ରରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। କିଛି ବର୍ଷ ତଳେ ସ୍ୱାଭିମାନ ଅଞ୍ଚଳରୁ ମାତ୍ର ୧୦୦ଟନ୍ ହଳଦୀ ଉତ୍ପାଦନ ହେଉଥିଲା। କ୍ରମାଗତ ଭାବେ ଗଞ୍ଜେଇ ଚାଷ କମିବା ଫଳରେ ହଳଦୀ ଚାଷ ବୃଦ୍ଧି ପାଇଛି। ସରକାରୀ ରେକର୍ଡ ଅନୁସାରେ ଏବେ ବାର୍ଷିକ ପ୍ରାୟ ୬୦୦୦ ମେଟ୍ରିକ୍ ଟନ୍ ହଳଦୀ ଉତ୍ପାଦନ ହେଉଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୨୦କୋଟି ଟଙ୍କା ହେବ। ଏକଦା ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ଏହି ଅଞ୍ଚଳର ଘଞ୍ଚ ଜଙ୍ଗଲରେ ନକ୍ସଲ ରାଜ୍ ଚାଲିଥିଲା। ନକ୍ସଲଙ୍କ ପ୍ରୋତ୍ସାହନରେ ବ୍ୟାପକ ଗଞ୍ଜେଇ ଚାଷ ହେଉଥିଲା। ପୁଲିସ, ବନ ବିଭାଗର ବାରମ୍ବାର ଚଢ଼ଉ ସତ୍ତ୍ୱେ ଗଞ୍ଜେଇ ଚାଷ ବନ୍ଦ ହେଉନଥିଲା। ତେବେ ଗୁରୁପ୍ରିୟା ସେତୁ ବିଚ୍ଛିନ୍ନାଞ୍ଚଳକୁ ମୁଖ୍ୟସ୍ରୋତରେ ଯୋଡ଼ିବା ପରେ ଲାଲ୍ ବାହିନୀ ସତ୍ତା ହରାଇଛି। ପୁଲିସ, ପ୍ରଶାସନର ସଚେତନତା ଯୋଗୁଁ ଗଞ୍ଜେଇ ଛାଡ଼ି ହଳଦୀ ଚାଷକୁ ଗୁରୁତ୍ୱ ଦେବାପରେ ଅଞ୍ଚଳବାସୀଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ପ୍ରଶାସନ ପକ୍ଷରୁ ହଳଦୀ ଚାଷ ସହିତ ଏହାର ପ୍ରକ୍ରିୟାକରଣ ଓ ବିପଣନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ମିସନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଛୋଟ ଛୋଟ ମିଲ୍ ଦିଆଯାଇଛି। ଆଇଟିଡିଏ ପ୍ରସ୍ତାବିତ ୬ଟି ହଳଦୀ ପ୍ରକ୍ରିୟାକରଣ ୟୁନିଟ୍‌ରୁ ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଅନ୍ୟଗୁଡ଼ିକ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ପ୍ରୋଜେକ୍ଟ ମ୍ୟାନେଜର ବିଶ୍ୱନାଥ ମିଶ୍ର ସୂଚନା ଦେଇଛନ୍ତି। ପ୍ରତ୍ୟେକ ୟୁନିଟ୍‌ରୁ ବାର୍ଷିକ ପ୍ରାୟ ୫୦ଲକ୍ଷ ଟଙ୍କାର ଆୟ ବ୍ୟବସ୍ଥା ହୋଇଛି। ଚିତ୍ରକୋଣ୍ଡା ବ୍ଲକର ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଜୈବିକ ହଳଦୀ ଗୁଣ୍ଡ ପ୍ରସ୍ତୁତ କରୁଛନ୍ତି। ଆକର୍ଷଣୀୟ ପ୍ୟାକେଜିଂ ସହ ଏହାକୁ ବଜାରକୁ ଆଣି ସ୍ୱାଭିମାନ ଅଞ୍ଚଳରେ ଥିବା ବିଭିନ୍ନ ବିଏସ୍‌ଏଫ୍ କ୍ୟାମ୍ପକୁ ଯୋଗାଇବା ସହ ଆନ୍ଧ୍ର ଏବଂ ଅନ୍ୟ ପଡ଼ୋଶୀ ଜିଲ୍ଲାକୁ ମଧ୍ୟ ପଠାଉଛନ୍ତି। ଜିଲ୍ଲାର ଆଶ୍ରମ ବିଦ୍ୟାଳୟ ତଥା ଅନ୍ୟାନ୍ୟ ସରକାରୀ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ସ୍ଥାନୀୟ ହଳଦୀ ବ୍ୟବହାର ଲକ୍ଷ୍ୟ ରହିଛି। ବଡ଼କଥା ହେଲା ବଡ଼ପଡ଼ା, ଜାନବାଇ, ରାଲେଗଡ଼ା, ପଣସପୁଟ, ଯନ୍ତ୍ରୀ ଆଦି ଗାଁର ଲୋକ ଗଞ୍ଜେଇ ଚାଷରୁ ମୁହଁ ଫେରାଇ ହଳଦୀ ଓ ଅନ୍ୟାନ୍ୟ ଚାଷ କରୁଛନ୍ତି। ଜଳସେଚନ ସୁବିଧା ହେଲେ ଚାଷୀଙ୍କ ଆୟ ଆହୁରି ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଛି।









# ଆଦିବାସୀଙ୍କ ପାଇଁ କୁମ୍ଭୀର କାନ୍ଦଣା: ୨୪୭ ଜଙ୍ଗଲ ଜମି ଅଧିକାର ପ୍ରକୋଷ୍ଠ ବନ୍ଦ



*ରାଜ୍ୟର ଆଦିବାସୀ ଓ ଅନ୍ୟ ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଦେବା ପ୍ରସଙ୍ଗରେ ଓଡ଼ିଶା ସରକାର ନିରବ। ଏହି ଆଇନ କାର୍ଯ୍ୟକାରୀ ପାଇଁ ତୃଣମୂଳସ୍ତରରେ କାମ କରୁଥିବା ସୁନ୍ଦରଗଡ଼ର ୧୮ଟି ପ୍ରକୋଷ୍ଠ (ସେଲ୍) ସମେତ ରାଜ୍ୟର ୨୪୭ଟି ପ୍ରକୋଷ୍ଠକୁ ୨୦୨୫ ସେପ୍ଟେମ୍ବରରୁ ବନ୍ଦ କରି ଦିଆଯାଇଛି।*

**ସୁନ୍ଦରଗଡ଼ :** ରାଜ୍ୟର ଆଦିବାସୀ ଓ ଅନ୍ୟ ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଦେବା ପ୍ରସଙ୍ଗରେ ଓଡ଼ିଶା ସରକାର ନୀରବ। ଏହି ଆଇନ କାର୍ଯ୍ୟକାରୀ ପାଇଁ ତୃଣମୂଳ ସ୍ତରରେ କାମ କରୁଥିବା ସୁନ୍ଦରଗଡ଼ର ୧୮ଟି ପ୍ରକୋଷ୍ଠ (ସେଲ୍) ସମେତ ରାଜ୍ୟର ୨୪୭ଟି ପ୍ରକୋଷ୍ଠକୁ ୨୦୨୫ ସେପ୍ଟେମ୍ବରରୁ ବନ୍ଦ କରି ଦିଆଯାଇଛି। ଯାହାଫଳରେ ଆଦିବାସୀ ଓ ଅନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସମ୍ପର୍କିତ କାର୍ଯ୍ୟ ଅଟକି ଯାଇଛି। ଏଭଳି ସ୍ଥିତିରେ ପ୍ରକୋଷ୍ଠକୁ ପୁଣି କାର୍ଯ୍ୟକ୍ଷମ କରି ଜଙ୍ଗଲ ଜମି କାର୍ଯ୍ୟ ଆଗେଇ ନେବାକୁ ୨୦୨୬ ଫେବ୍ରୁଆରି ୨୪ରେ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର 'ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ବିଭାଗ' ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାର ୬ ମାସ ହେଲା ଏହାକୁ ପକାଇ ରଖିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ କେନ୍ଦ୍ରର ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିଥିବାବେଳେ ଓଡ଼ିଶା ସରକାର କାହିଁକି ହାତବାନ୍ଧି ବସିଛନ୍ତି, ତାକୁ ନେଇ ପ୍ରଶ୍ନ ଉଠିଛି। ଏଥିରୁ ଆଦିବାସୀଙ୍କ ପାଇଁ ସରକାରଙ୍କ ମିଛ କାନ୍ଦଣା ପଦାରେ ପଡ଼ିଯାଇଥିବା କହିଛନ୍ତି ଆଦିବାସୀ ନେତା ରାଜେନ୍ଦ୍ର ନାଏକ, ଆଲବର୍ଟ କିଣ୍ଡୋ ଓ ବିବୋଲ ଟପ୍ପୋ। ଜଙ୍ଗଲ ଅଧିକାର ଆଇନରେ ଆଦିବାସୀଙ୍କୁ ଅଧିକାର ଦେବାକୁ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଅନ୍ୟ ଜିଲ୍ଲାରେ ଜିଲ୍ଲା ମଙ୍ଗଳ ବିଭାଗ ଏହାକୁ ସମ୍ପାଦିତ କରି ଆସୁଥିଲେ।

ଏହି ପ୍ରକ୍ରିୟାରେ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଶିରୋନାମା ପାଇଁ ସୁନ୍ଦରଗଡ଼ ଜିଲ୍ଲାରୁ ୯୫,୪୯୧ଟି ଆବେଦନ ପହଞ୍ଚିଥିବାବେଳେ ୨୨,୯୧୯ ଜଣଙ୍କୁ ପଟ୍ଟା ଦିଆଯାଇଛି। ୧୬,୩୨୦ଟି ଆବେଦନ ରଦ୍ଦ ହୋଇଥିବା ବେଳେ ଏବେ ବି ୫୬,୨୫୨ ଆଦିବାସୀ, ବନବାସୀ ପଟ୍ଟା ଅପେକ୍ଷାରେ ଅଛନ୍ତି। ରାଜ୍ୟରେ ୭ ଲକ୍ଷ ୬୯ ହଜାର ୬୬୪ଟି ବ୍ୟକ୍ତିଗତ ଆବେଦନ ମଧ୍ୟରୁ ୪ ଲକ୍ଷ ୬୧ ହଜାର ୭୬୪ଙ୍କୁ ପଟ୍ଟା ମିଳିଥିବା ବେଳେ ୧ ଲକ୍ଷ ୪୪ ହଜାର ୮୫୨ଟି ଆବେଦନକୁ ରଦ୍ଦ କରି ଦିଆଯାଇଛି। ଏବେ ବି ୧ ଲକ୍ଷ ୬୩ ହଜାର ୪୮ ଜଣ ଜଙ୍ଗଲ ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି। ସେହିପରି ସୁନ୍ଦରଗଡ଼ର ୧୩୧୮ ଗାଁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଶିରୋନାମା ପାଇଁ ଆବେଦନ କରିଛନ୍ତି। ସେଥିରୁ ଜିଲ୍ଲାସ୍ତରୀୟ କମିଟିରେ ୨୪୩ ଗାଁ ଅନୁମୋଦିତ ହୋଇଛି। କିନ୍ତୁ ଏଯାଏଁ ଗୋଟିଏ ବି ଗାଁକୁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପଟ୍ଟା ଦିଆଯାଇନାହିଁ। ରାଜ୍ୟର ୧୨,୩୬୩ଟି ଗାଁ ଗୋଷ୍ଠୀଗତ ଶିରୋନାମା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୬୦୫୩ ଗାଁ ଶିରୋନାମା ପାଇଥିବା ବେଳେ ଏବେ ବି ୬୩୧୦ଟି ଗାଁର ଆବେଦନ ଫାଇଲରେ ବନ୍ଦ ପଡ଼ିଛି। ଅନ୍ୟପଟେ ଏସବୁ ପ୍ରକ୍ରିୟାର ରୂପାୟନ ପାଇଁ ୨୦୨୩ ଅକ୍ଟୋବରରୁ ରାଜ୍ୟର ୨୪୭ଟି ଜଙ୍ଗଲ ଅଧିକାର ଆଇନ ପ୍ରକୋଷ୍ଠରେ ନିଯୁକ୍ତ ୪୯୪ କର୍ମଚାରୀଙ୍କୁ ଗତବର୍ଷ ସେପ୍ଟେମ୍ବର ୩୦ରୁ ବାହାର କରି ଦିଆଯାଇଛି। ଯେଉଁଥିପାଇଁ ଆଦିବାସୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକଙ୍କୁ ପଚାରିବାରୁ ଉପରୁ ନିର୍ଦ୍ଦେଶ ଆସିଲେ ପ୍ରକୋଷ୍ଠ ଖୋଲିବ ବୋଲି କହିଥିଲେ।

# ଦୁର୍ଗମ ହନୁମାଲ୍ ଗାଁର ଇଶାକ୍ ହେବ ଡାକ୍ତର

*କଠିନ ପରିଶ୍ରମ, ଅଧ୍ୟବସାୟ ଓ ଲକ୍ଷ୍ୟ ବଳରେ ପ୍ରଥମ ପ୍ରୟାସରେ ସଫଳତାର ସହ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ଦୁର୍ଗମ ହନୁମାଲ ଗାଁର ଆଦିବାସୀ ଯୁବକ ଇଶାକ ବଡ଼ନାୟକ।*



**କୋରାପୁଟ:** କଠିନ ପରିଶ୍ରମ, ଅଧ୍ୟବସାୟ ଓ ଲକ୍ଷ୍ୟ ବଳରେ ପ୍ରଥମ ପ୍ରୟାସରେ ସଫଳତାର ସହ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ଦୁର୍ଗମ ହନୁମାଲ ଗାଁର ଆଦିବାସୀ ଯୁବକ ଇଶାକ ବଡ଼ନାୟକ। ସଂପ୍ରତି ସେ ବ୍ରହ୍ମପୁର ଏମକେସିଜିରେ ସିଟ୍ ପାଇଥିବା ବେଳେ କଟକ ଏସସିବିରେ ପଢ଼ିବାକୁ ଆଗ୍ରହ ଦେଖାଇ ଅପେକ୍ଷା କରିଛନ୍ତି।

ଇଶାକଙ୍କ ସଂପର୍କରେ ଜାଣିବା ପରେ ବିରୋଧୀ ଦଳର ନେତା ତଥା ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ନିଜ ସାଙ୍ଗରେ ଭୁବନେଶ୍ୱର ଇଶାକକୁ ନେଇକି ଯାଇଥିଲେ। ସେଠାରେ ରାଜ୍ୟପାଳ ରଘୁବର ଦାଶ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ବାଚସ୍ପତି ସୁରମା ପାଢ଼ୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହ ବୁହ ବିଧାୟକଙ୍କୁ ଭେଟାଇଥିଲେ ବିରୋଧୀଦଳ ନେତା। ଜଣେ ଆଦିବାସୀ ଯୁବକଙ୍କ ଉଚ୍ଚାଭିଳାଶ ଦେଖି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଆଦି ଶୁଭେଚ୍ଛା ଜ୍ଞାପନ କରି ଭବିଷ୍ୟତ ଉଜ୍ଜଳ ହେଉ ବୋଲି କହିଥିଲେ। ଡାକ୍ତରୀ ପଢ଼ିବା ପରେ ନିଜ ଅଂଚଳର ସେବା କରି ଜଣେ ସଫଳ ଡାକ୍ତର ହୋଇ ରାଜ୍ୟ ତଥା ଦେଶ ପାଇଁ ସୁନାମ୍ ଆଣିବେ ବୋଲି ଆଶା କରୁଛୁ ବୋଲି କହିଥିଲେ। ତାଙ୍କ ପାଠପଢ଼ା ପାଇଁ ଖର୍ଚ୍ଚ ସରକାର ବହନ କରିବେ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ଇଶାକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଇଶାକ ବଡ଼ନାୟକ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ହନୁମାଲ ଗାଁର ବୁଦା ବଡ଼ନାୟକ ଓ କନ୍ଧି ବନଡାୟକଙ୍କ ମଝିଅ ପୁଅ। ହନୁମାଲ ଗାଁରେ ଥିବା ସରକାରୀ ସ୍କୁଲରେ ୭ମ ପର୍ଯ୍ୟନ୍ତ ପଢ଼ିଥିଲେ ଇଶାକ। ୮ମରୁ ୧୦ମ ପର୍ଯ୍ୟନ୍ତ ଲମତାପୁଟ ବ୍ଲକର ତୁଷୁବା (ମେସିଂପୁଟ)ରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ପଢ଼ିଥିଲେ। ଏଠାରେ ଦଶମ ପାସ୍ କରିବା ପରେ ଘରର ଆର୍ଥିକସ୍ଥିତି ଭଲ ନଥିବା ଏବଂ ତାଙ୍କ ପାଠପଢ଼ା ଖର୍ଚ୍ଚ ବାପା ତୁଲାଇବାକୁ ସମର୍ଥ ନଥିବାରୁ ସେ ପାଠ ପଢ଼ିବା ପାଇଁ ତାମିଲନାଡୁର ମଦୁରାଇ ଯାଇ ସେଠାରେ ଦ୍ୱାଦଶ ପର୍ଯ୍ୟନ୍ତ ମାଗଣାରେ ପଢ଼ିଥିଲେ। ସେଠାରେ ପଢ଼ିବା ସମୟରେ ନିଟ୍ ?ର କୋଚିଂ ସେହି ସ୍କୁଲରେ ନେଇଥିଲେ। ସେଠାରେ ରହି ସେ ନିଟ ପରୀକ୍ଷା ଲେଖି ଉତ୍ତୀର୍ଣ୍ଣ ହୋଇଥିଲେ। ଘରର ଅର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ଆଗାମୀ ଦିନରେ ଏହା ତାଙ୍କ ପାଠ ପଢ଼ାରେ ବାଧକ ହେବ କି ବୋଲି ଚିନ୍ତାରେ ପଡ଼ିଛନ୍ତି ଇଶାକ୍। ରାଜ୍ୟସରକାର ଦେଇଥିବା ଆଶ୍ୱସନା ଓ ଭରସାକୁ ନେଇ ସେ ଡାକ୍ତରୀ ପଢ଼ିବାକୁ ଆଗଭର ହେଉଥିବା କହିଛନ୍ତି ଇଶାକ୍। ଘରର ଅର୍ଥକସ୍ଥିତି ସ୍ୱଚ୍ଛଳ ନଥିବାରୁ ଆଗାମୀ ଦିନରେ ଏହା ତାଙ୍କ ପାଠ ପଢ଼ାରେ ବାଧକ ହେବ କି ବୋଲି ଚିନ୍ତାରେ ପଡ଼ିଛନ୍ତି ଇଶାକ୍। ରାଜ୍ୟସରକାର ଦେଇଥିବା ଆଶ୍ୱସନା ଓ ଭରସାକୁ ନେଇ ସେ ଡାକ୍ତରୀ ପଢ଼ିବାକୁ ଆଗଭର ହେଉଥିବା କହିଛନ୍ତି ଇଶାକ୍। ଆଦିବାସୀ ଗାଁର ଇଶାକ ନିଜର ଉଦ୍ୟମ ଓ ଲକ୍ଷ୍ୟ ବଳରେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି ପଟାଙ୍ଗୀ ବିଧାୟକ ତଥା ବିରୋଧୀ ଦଳର ନେତା ରାମଚନ୍ଦ୍ର କାଡ଼ାମ୍। ଇଶାକ୍ ନିଶ୍ଚିତ ରୁପେ ଜଣେ ଭଲ ଡାକ୍ତର ହୋଇ ଅଂଚଳର ଦୁଃଖଦୁର୍ଦ୍ଦଶାକୁ ଦୂର କରିବାରେ ପ୍ରମୁଖ ଭୁମିକା ଗ୍ରହଣ କରିବ ବୋଲି କହିଛନ୍ତି ବିରୋଧୀଦଳର ନେତା।

## ଚାଣକ୍ୟଙ୍କ ୩ ଟି ଅମୂଲ୍ୟ ଉପଦେଶ

*ଆଚାର୍ଯ୍ୟ ଚାଣକ୍ୟଙ୍କ ନୀତି ଏକ ସଫଳ ଜୀବନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରେ। ଚାଣକ୍ୟଙ୍କ ଅନୁସାରେ, ସଫଳତା ଏବଂ ସଠିକ ଦିଗ ପାଇଁ ତିନୋଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ରହିଛି। ଜାଣନ୍ତୁ ସେ ସମ୍ପର୍କରେ...*

**ଶୃଙ୍ଖଳା:** ପ୍ରଥମତଃ ଶୃଙ୍ଖଳା। ଏହା ବିନା କୌଣସି ଲକ୍ଷ୍ୟ ହାସଲ କରିବା ସମ୍ଭବ ନୁହେଁ। ଶୃଙ୍ଖଳା ହେଉଛି ସମୟ ଅନୁସାରେ କାମ କରିବା ଏବଂ ଆପଣଙ୍କ ନିର୍ଦ୍ଧାରିତ ନିୟମଗୁଡ଼ିକୁ କଡ଼ାକଡ଼ି ପାଳନ କରିବା। ବ୍ୟକ୍ତିଗତ ଜୀବନ ହେଉ କି ବୃତ୍ତିଗତ କିମ୍ବା ସାମାଜିକ ଦାୟିତ୍ୱ ମଧ୍ୟରେ ସଠିକ ସୀମା ଏବଂ ଶୃଙ୍ଖଳା ରଖିବା ଉଚିତ୍।

**କଠିନ ପରିଶ୍ରମ:** କେବଳ ଚିନ୍ତା କରି କିମ୍ବା ଭାଗ୍ୟ ଉପରେ ନିର୍ଭର କରି କିଛି ହାସଲ କରାଯାଇପାରିବ ନାହିଁ। ସ୍ଥିର ଏବଂ ସୁନିର୍ଦ୍ଦେଶିତ କଠିନ ପରିଶ୍ରମ ହେଉଛି ସଫଳତାର ଚାବିକାଠି।

**ସକାରାତ୍ମକ ଚିନ୍ତାଧାରା:** କଷ୍ଟକର ସମୟରେ ମଧ୍ୟ ହାର ନ ମାନି ପ୍ରତ୍ୟେକ ସମସ୍ୟାକୁ ଏକ ନୂତନ ସୁଯୋଗ ଭାବରେ ଦେଖିବା ଆପଣଙ୍କୁ ମାନସିକ ଭାବରେ ଦୃଢ଼ କରିଥାଏ। ଉପରୋକ୍ତ କଥାକୁ ମାନିଲେ ଜଣେ ବ୍ୟକ୍ତି ନିଶ୍ଚିତ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ଚାଣକ୍ୟଙ୍କ ନୀତିରେ ଉଲ୍ଲେଖ ରହିଛି।

## ୨୧ ବର୍ଷ ବୟସରେ
# ୧୨୫ କୋଟିର ମାଲିକ

*ପାଠ ପଢ଼ିବା ବୟସରେ ଅନ୍ୟକୁ ରୋଜଗାର ଦେଉଛନ୍ତି। ତାଙ୍କ ଅଧୀନରେ ପ୍ରତିଷ୍ଠିତ ଇଞ୍ଜିନିୟର, ଏମ୍‌ବିଏ, ବଡ଼ ବଡ଼ କମ୍ପାନୀର ମ୍ୟାନେଜର, ଅଫିସର ଓ କର୍ମଚାରୀ ଚାକିରି କରିଛନ୍ତି। ମାତ୍ର ୭୦ହଜାର ମୂଳପୁଞ୍ଜିରୁ ଆରମ୍ଭ କରିଥିବା ତାଙ୍କ ଷ୍ଟାର୍ଟଅପ୍ (ଉଦ୍ୟୋଗ)ର ବ୍ୟାବସାୟିକ କାରବାର ଆଜି ୧୨୫ କୋଟିରେ ପହଞ୍ଚିଛି। ତାଙ୍କ କମ୍ପାନୀରେ ଯେଉଁ ୮୫ଜଣ କାମ କରୁଛନ୍ତି, କିଛି କର୍ମଚାରୀ ମାସିକ ୨୫ଲକ୍ଷ ଟଙ୍କାର ମୋଟା ଅଙ୍କର ବେତନ ମଧ୍ୟ ପାଉଛନ୍ତି। ଟାଟା ଡୋକୋମୋର ପୂର୍ବତନ ସିଇଓ ରିତେଶ ଘୋଷାଲ ସେହି କମ୍ପାନୀରେ ଚିଫ୍ ବିଜ୍‌ନେସ୍ ଅଫିସର ଭାବେ କାମ କରୁଛନ୍ତି। ଜୋମାଟୋର ପଙ୍କଜ ଚଢା, ସୌରଭ ଅଗ୍ରୱାଲ, ଫିରୋଜସାହା ସରକାରୀ, ବୈଷ୍ଣବ ସେଠୀଙ୍କ ଭଳି ଚର୍ଚ୍ଚିତ ମୁହଁ ମଧ୍ୟ ତାଙ୍କ କମ୍ପାନୀରେ ସାମିଲ ହୋଇଛନ୍ତି। ସେହି ସଂସ୍ଥାକୁ ସ୍ଥାପନ କରିଛନ୍ତି ଓଡିଆ ପୁଅ ପ୍ରଭାସ ଚନ୍ଦ୍ର ଗିରି (୨୧)।*

**ବା**ଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ପଶ୍ଚିମବାଡ଼ ଝାଡ଼ପିମ୍ପଳ ଗ୍ରାମର ଯତୀନ୍ଦ୍ରନାଥ ଗିରି ଓ ମୀନତି ଗିରିଙ୍କ ସାନପୁଅ ହେଉଛନ୍ତି ପ୍ରଭାସ। ଜଣେ ମେଧାବୀ ଛାତ୍ର ଭାବେ ପ୍ରଭାସ ୨୦୧୬ ମସିହାରେ ପଶ୍ଚିମବାଡ଼ ହାଇସ୍କୁଲରୁ ମାଟ୍ରିକ ପରେ ନିଷ୍ଠ କଲେଜରୁ ଯୁକ୍ତ ଦୁଇ ବିଜ୍ଞାନ ପାଠପଢିଥିଲେ। ଆଇଆଇଟିରେ ପାଠପଢିବା ଲାଗି ମନ ସ୍ଥିର କରି ସେ ଭୁବନେଶ୍ୱରରେ କୋଚିଂ ନେଉଥିଲେ। ହଠାତ୍ ତାଙ୍କ ମନ ପରିବର୍ତ୍ତନ ହୋଇଥିଲା ଓ ସେ ଉଦ୍ୟୋଗୀ ହେବା ପାଇଁ ୨୦୨୧ରେ ଦିଲ୍ଲୀ ଯାଇଥିଲେ।



ସେ ଗୁରୁଗାଓଁଠାରେ ସଫ୍‌ଟେଲ୍ (ସପିଂ ଫର୍ ରିଟେଲର) ନାମରେ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ଏହା ଏକ ଅନ୍‌ଲାଇନ୍ ମାର୍କେଟିଂ ପ୍ଲାଟଫର୍ମ ଯେଉଁଥିରେ ରିଟେଲରଙ୍କ ମାଧ୍ୟମରେ ଗ୍ରାହକଙ୍କ ପାଖରେ ବିଭିନ୍ନ ସାମଗ୍ରୀ ପହଞ୍ଚିଥାଏ। ପ୍ରଭାସଙ୍କ ଏହି ଉଦ୍ୟୋଗରେ ୬୫ଜଣ ମାନୁଫାକ୍‌ଚର (ନିର୍ମାତା)ଙ୍କ ସହିତ ୨୦ହଜାର ରିଟେଲର ଭାରତ ଓ ଭାରତ ବାହାରେ ଯୋଡି ହୋଇ ରହିଛନ୍ତି। ଗୋଟିଏ ବର୍ଷ ଭିତରେ କମ୍ପାନୀର କାରବାର ୧୨୫ କୋଟିରେ ପହଞ୍ଚାଇଥିବା ବେଳେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ତାହାକୁ ୫ଶହ କୋଟିରେ ପହଞ୍ଚାଇବାକୁ ପ୍ରଭାସ ଲକ୍ଷ୍ୟ ରଖିଛନ୍ତି। ଏୟାର ଟେଲ୍‌ର ମୁଖ୍ୟ ସୁନିଲ ମିତ୍ତଲଙ୍କୁ ନିଜର ଆଦର୍ଶ ମାନୁଥିବା ପ୍ରଭାସ କହିଛନ୍ତି ଯେ, ବାପା ମା'ଙ୍କର ଇଚ୍ଛା ଥିଲା ମୁଁ ଯେମିତି ଡାକ୍ତର ହୁଏ। କିନ୍ତୁ ମୋର ଇଚ୍ଛା ଥିଲା ଇଞ୍ଜିନିୟର। ପରବର୍ତ୍ତୀ ସମୟରେ ଉଦ୍ୟୋଗୀ ହେବାକୁ ଚାହିଁଲି। ଦିଲ୍ଲୀରେ ପଢିବି କହି ଘରୁ ୭୦ହଜାର ଟଙ୍କା ନେଇଆସିଥିଲି। ଷ୍ଟାର୍ଟଅପ୍ ପାଇଁ ଘରେ ବହୁତ ଥର ମିଛ କହି ଦିଲ୍ଲୀ ଆସିଛି। ସୁନୀଲ ମିତ୍ତଲ ଓ ହିମାଂଶୁ ପେରିୱାଲ ମୋତେ ବହୁତ ସାହାଯ୍ୟ କରିଛନ୍ତି। ଆଗାମୀ ଦିନରେ ମୋ ଉଦ୍ୟୋଗକୁ ବହୁରାଷ୍ଟ୍ରୀୟ କମ୍ପାନୀରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି। ନିଜେ ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କୁ ରୋଜଗାର ଦେବାର ମାନସିକତା ସମସ୍ତଙ୍କ ଭିତରେ ରହିବା ଦରକାର ବୋଲି କହିଛନ୍ତି ପ୍ରଭାସ।

# ୨୧ ସ୍ତ୍ରୀଙ୍କ ସ୍ୱାମୀ ଏ ଭିକାରୀ, ମନେ ରହୁନି ମାଳ ମାଳ ସ୍ତ୍ରୀଙ୍କ ନାଁ

ଭିକ ମାଗି ପରିବାର ପୋଷୁଛି କିନ୍ତୁ ୨୧ ସ୍ତ୍ରୀଙ୍କୁ ବାହା ହୋଇଛି । ଜଣଙ୍କୁ ଡାକୁଛି ଅନ୍ୟଜଣଙ୍କ ନାଁରେ । ଏମିତି ଜଣେ ନିଆରା ଭିକାରୀ। ପୂରା କାହାଣୀ ଶୁଣିଲେ ହସି ହସି ଗଡ଼ିବେ । ଭାରତରେ ଏମିତି ଅନେକ ଚର୍ଚ୍ଚିତ ଭିକାରୀ ଅଛନ୍ତି ଯାହାଙ୍କୁ ନେଇ ପୂର୍ବରୁ ଖବର ହୋଇସାରିଛି । କିଏ ଭିକ ମାଗି ଲକ୍ଷ ଲକ୍ଷ ଠୁଳ କରିଛନ୍ତି ତ ଆଉ କେଉଁ ଭିକାରୀଙ୍କ ଘରୁ ମୃତ୍ୟୁ ପରେ ବସ୍ତା ବସ୍ତା କଏନ୍ ମିଳୁଛି । କିନ୍ତୁ ଏବେ ସୋସିଆଲ୍ ମିଡିଆରେ ଗୋଟିଏ ଭିଡିଓ ବଡ଼ ଜୋରସୋରରେ ଭାଇରାଲ୍ ହେଉଛି ଯାହା ଶୁଣିଲେ ଆପଣ ନ ହସି ରହିପାରିବେନି । ଏହି ଭିଡିଓଟି ବାଂଲାଦେଶର ବୋଲି କୁହାଯାଉଛି ।

ବାଂଲାଦେଶର ଏହି ଭିକାରୀଙ୍କ ଅଜବ କାହାଣୀ ଏବେ ପୂରା ଇଣ୍ଟରନେଟ୍ ଦୁନିଆରେ ଚର୍ଚ୍ଚାର ବିଷୟ ପାଲଟିଛି। 'ମୋରୁ ମିଆଁ' ନାମକ ଏହି ୩୫ ବର୍ଷୀୟ ଭିକାରୀଙ୍କ ଲାଇଫ୍ ଷ୍ଟାଇଲ୍ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ କମ୍ ହେବେ ହସିବେ ଅଧିକ । ସାଧାରଣତଃ ଜଣେ ଲୋକ ନିଜ ପରିବାରର ପେଟ ପୋଷିବା ପାଇଁ ଦିନରାତି କଠିନ ପରିଶ୍ରମ କରିଥାଏ, କିନ୍ତୁ ମୋରୁ ମିଆଁ ଭିକ୍ଷାବୃତ୍ତି କରି ମଧ୍ୟ ଜଣେ କି ଦୁଇଜଣ ନୁହେଁ ବରଂ ଗୋଟିଏ ପରେ ଗୋଟିଏ କରି ମୋଟ ୨୧ ଜଣ ମହିଳାଙ୍କୁ ବାହା ହୋଇଛନ୍ତି । ମୋରୁ ମିଆଁଙ୍କ କହିବା ଅନୁଯାୟୀ, ସେ ନିଜ ଜୀବନକାଳ ଭିତରେ ୨୧ ଥର ବାହା ହୋଇଛନ୍ତି । ପ୍ରଥମେ ଯାହାଙ୍କୁ ଭଲ ପାଇଥିଲେ ତାଙ୍କୁ ବାହା ହେଲେ ପରେ ପରିସ୍ଥିତି ଏବଂ ନିଜର ମନୋଭାବ ଅନୁଯାୟୀ ସେ ଅନ୍ୟ ମହିଳାମାନଙ୍କୁ ବିବାହ



କରିବା ଜାରି ରଖିଲେ। ଏତେଗୁଡ଼ିଏ ବିବାହ କରିବାର କାରଣ ବିଷୟରେ ପଚରାଯିବାରୁ ସେ କହିଥିଲେ ଯେ, କିଛି ପତ୍ନୀ ତାଙ୍କୁ ଛାଡ଼ି ଚାଲିଯାଇଥିଲେ,ଆଉ କିଛି ଅସୁସ୍ଥ ହୋଇ ଆରପାରିକୁ ଚାଲିଗଲେ । ଭିକ୍ଷାବୃତ୍ତି କରୁଥିବା ନିଃସହାୟ ମହିଳାଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେ ଲଗାତାର ବିବାହ ଜାରି ରଖିଛନ୍ତି ।

# ପ୍ରକୃତିରେ ମେସିଙ୍କ ଜଲୱା, ତାଙ୍କ ନାଁରେ ନାମିତ ହେଲା ବିରଳ ଉଦ୍ଭିଦ

ଫୁଟବଲ୍ ପଡ଼ିଆରେ ଅନେକ କୀର୍ତ୍ତିମାନ ସ୍ଥାପନ କରିବା ପରେ ଏବେ ପ୍ରକୃତି ଜଗତରେ ମଧ୍ୟ ଅମର ହୋଇରହିବ ଲିଓନେଲ ମେସିଙ୍କ ନାଁ। ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲର ତଥା ୮ ଥର ବାଲନ୍ ଡି'ଓର୍ ବିଜେତା ମେସିଙ୍କ ନାମରେ ଏକ ବିରଳ ଉଦ୍ଭିଦ ପ୍ରଜାତିର ନାମକରଣ କରାଯାଇଛି। ପେରୁର ଆଣ୍ଡିଜ୍ ପର୍ବତମାଳାରେ ଚିହ୍ନଟ ହୋଇଥିବା ଏହି ନୂଆ ପ୍ରଜାତିକୁ ବୈଜ୍ଞାନିକମାନେ 'ସାଲଭିଆ ମେସି' ନାମ ଦେଇଛନ୍ତି। ଏହା ମେସିଙ୍କ ପ୍ରତି ଏକ ନିଆରା ସମ୍ମାନ ବୋଲି କୁହାଯାଉଛି।

*ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲର ତଥା ୮ ଥର ବାଲନ୍ ଡି'ଓର୍ ବିଜେତା ମେସିଙ୍କ ନାମରେ ଏକ ବିରଳ ଉଦ୍ଭିଦ ପ୍ରଜାତିର ନାମକରଣ କରାଯାଇଛି। ପେରୁର ଆଣ୍ଡିଜ୍ ପର୍ବତମାଳାରେ ଚିହ୍ନଟ ହୋଇଥିବା ଏହି ନୂଆ ପ୍ରଜାତିକୁ ବୈଜ୍ଞାନିକମାନେ 'ସାଲଭିଆ ମେସି' ନାମ ଦେଇଛନ୍ତି।*

ଏହି ଉଦ୍ଭିଦର ଫୁଲରେ ଥିବା ହାଲୁକା ନୀଳ ଓ ଧଳା ରଙ୍ଗ ଆର୍ଜେଣ୍ଟିନା ଫୁଟବଲ୍ ଦଳର ଜର୍ସିକୁ ମନେ ପକାଉଛି। ଏହି କାରଣରୁ ଗବେଷକମାନେ ମେସିଙ୍କ ନାଁକୁ ଏହା ସହ ଯୋଡ଼ିଛନ୍ତି। ପୁଦିନା ପରିବାରର ଏହି ଉଦ୍ଭିଦ ସମୁଦ୍ର ପତ୍ତନଠାରୁ ପ୍ରାୟ ୨ ହଜାରରୁ ୨୪ ଶହ ମିଟର ଉଚ୍ଚତାରେ ବଢ଼ିଥାଏ। ଶୁଷ୍କ ଓ ପଥୁରିଆ ପାହାଡ଼ିଆ ଅଞ୍ଚଳରେ ମଧ୍ୟ ଏହା ବଞ୍ଚିବାକୁ ସକ୍ଷମ। ତେବେ ଏହି ବିରଳ ଉଦ୍ଭିଦର ଅସ୍ତିତ୍ୱକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ବୈଜ୍ଞାନିକମାନେ। ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନିଆଁ ଏବଂ ପ୍ରାକୃତିକ ବାସସ୍ଥଳୀ ନଷ୍ଟ ହେବା ଯୋଗୁଁ ଏହା ବିଲୁପ୍ତ ହେବାର ଆଶଙ୍କା ରହିଛି। ଗବେଷକମାନେ ଏହାକୁ ବିପଦସଙ୍କୁଳ ପ୍ରଜାତି ଭାବେ ଚିହ୍ନଟ କରିଛନ୍ତି।

ପେରୁର ନ୍ୟାସନାଲ ୟୁନିଭର୍ସିଟି ଅଫ୍ ସାନ୍ ମାର୍କୋସର ପଲ୍ ଗୋଞ୍ଜାଲେସ୍, ଆର୍ଜେଣ୍ଟିନାର ଗବେଷକ ରୋଲାଣ୍ଡୋ ଉରିଆ ଏବଂ ଜୀବବିଜ୍ଞାନୀ ଜିନ୍ କ୍ୟାପଚାଙ୍କ ଗବେଷଣାରୁ ଏହି ପ୍ରଜାତି ସମ୍ପର୍କରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ, ୩୯ ବର୍ଷୀୟ ମେସି ଅକ୍ଟୋବର ୬ରେ ବେନିନ ବିପକ୍ଷ ମ୍ୟାଚ୍ ପରେ ଅନ୍ତର୍ଜାତୀୟ ଫୁଟବଲ୍‌କୁ ବିଦାୟ ଜଣାଇଥିଲେ। ୨୦୨୨ରେ ଆର୍ଜେଣ୍ଟିନାକୁ ବିଶ୍ୱକପ୍ ? ଜିତାଇଥିବା ମେସିଙ୍କ ନାଁ ଏବେ ଉଦ୍ଭିଦ ବିଜ୍ଞାନ ଇତିହାସରେ ମଧ୍ୟ ସ୍ଥାନ ପାଇଛି।







# ପ୍ରକୃତିର ଅମୃତ
# ସୁପରଫୁଡ୍ ସଜନା

*ଆମ ଓଡ଼ିଆ ଘରର ବାଡ଼ି ବଗିଚାରେ ସହଜରେ ମିଳୁଥିବା ସଜନା ଗଛ ଆଜି ସାରା ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ। ଯେଉଁ ସଜନା ଛୁଇଁକୁ ଆମେ ଦୈନନ୍ଦିନ ଆହାରରେ ଏକ ସାଧାରଣ ପରିବା ଭାବେ ଗ୍ରହଣ କରୁ, ତାହା ପ୍ରକୃତିର ଏକ ଅମୂଲ୍ୟ ବରଦାନ। ଆୟୁର୍ବେଦଠାରୁ ଆରମ୍ଭ କରି ଆଧୁନିକ ଚିକିତ୍ସା ବିଜ୍ଞାନ ଏବଂ ଭାରତୀୟ ରୋଷେଇଶାଳାରୁ ଆରମ୍ଭ କରି ବିଦେଶୀ ଡାଇନିଂ ଟେବୁଲ୍ ପର୍ଯ୍ୟନ୍ତ, ସଜନା ଆଜି ସର୍ବବ୍ୟାପୀ କହିଲେ ଚଳେ।*

ସଜନାର ଉତ୍ପତ୍ତି ସ୍ଥଳ ହେଉଛି ଭାରତୀୟ ଉପମହାଦ୍ୱୀପ। ବିଶେଷକରି ହିମାଳୟର ପାଦଦେଶରେ ଏହି ଗଛ ପ୍ରଥମେ ପ୍ରାକୃତିକ ଭାବେ ଦେଖାଯାଇଥିବା କୁହାଯାଏ। ଭାରତରୁ ହିଁ ଏହା ଆଫ୍ରିକା ତଥା ଏସିଆର ଅନ୍ୟ ଦେଶ ସମେତ ଦକ୍ଷିଣ ଆମେରିକା ଆଦି ପୃଥିବୀର ଅନ୍ୟ କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଅଞ୍ଚଳକୁ ବ୍ୟାପିଛି। ଶହ ଶହ ବର୍ଷ ଧରି ଏହି ଗଛ ପ୍ରତିକୂଳ ପରିବେଶରେ ଓ ଅତି କମ୍ ପାଣିରେ ମଧ୍ୟ ବଞ୍ଚି ରହିବାର ଅଦ୍ଭୁତ କ୍ଷମତା ରଖିଥିବାରୁ ଏହାକୁ କେହି କେହି ଚମତ୍କାରୀ ଗଛ କହିଥାନ୍ତି।

## ଋଗ୍‌ବେଦରୁ ଆୟୁର୍ବେଦ

ଆମର ପ୍ରାଚୀନ ଧର୍ମଗ୍ରନ୍ଥରେ ଏହାର ବିଶେଷ ଉଲ୍ଲେଖ ରହିଛି। ଋଗ୍‌ବେଦରେ ସଜନା ଗଛକୁ ଏକ ପବିତ୍ର ଓ ରୋଗନାଶକ ବୃକ୍ଷ ଭାବେ ବର୍ଣ୍ଣନା କରାଯାଇଛି। ଚାଣକ୍ୟଙ୍କ ରଚିତ 'ଅର୍ଥଶାସ୍ତ୍ର'ରେ ସଜନାର ଔଷଧୀୟ ଗୁଣ ଓ ଏହାର ସାମରିକ ଉପଯୋଗିତା ବିଷୟରେ କୁହାଯାଇଛି। ଆୟୁର୍ବେଦ ବିଶାରଦମାନେ କହନ୍ତି, ମହାଭାରତ ଯୁଗରେ ମଧ୍ୟ ସୈନିକମାନେ ଶକ୍ତିଶାଳୀ ହେବାକୁ ଓ ସେମାନଙ୍କ ସ୍ଫୂର୍ତ୍ତି ପାଇଁ ସଜନା ରସ ଦିଆଯାଉଥିଲା। ପ୍ରାଚୀନ ଆୟୁର୍ବେଦ ଗ୍ରନ୍ଥ ଚରକ ସଂହିତା, ସୁଶ୍ରୁତ ସଂହିତା ଓ ଅଷ୍ଟାଙ୍ଗ ହୃଦୟମ୍ ?ରେ ସଜନାକୁ 'ଶିଗ୍ରୁ' ବୋଲି କୁହାଯାଇଛି। ଏହାର ଅର୍ଥ ହେଉଛି, ତୀର ଭଳି ତୀବ୍ର ଗତିରେ ଶରୀର ଭିତରକୁ ପ୍ରବେଶ କରି ରୋଗ ନାଶ କରୁଥିବା ଔଷଧ। ଆୟୁର୍ବେଦ ଅନୁସାରେ, ସଜନା ଗଛ ଆମ ଶରୀରର ପ୍ରାୟ ୩୦୦ରୁ ଅଧିକ ରୋଗକୁ ଭଲ କରିବାର କ୍ଷମତା ରଖେ। ଅନ୍ୟପକ୍ଷରେ, ପ୍ରାୟ ଏକ ହଜାର ବର୍ଷ ପୁରୁଣା ଆୟୁର୍ବେଦ ଗ୍ରନ୍ଥ 'ଭାବପ୍ରକାଶ ନିଘଣ୍ଟୁ'ରେ ଧଳା, କଳା ଓ ନାଲି ରଙ୍ଗର ସଜନାର ଭିନ୍ନ ଭିନ୍ନ ପୁଷ୍ଟିକାରକ ଗୁଣ ବିଷୟରେ ଉଲ୍ଲେଖ କରାଯାଇଛି।

ଏବେ କେବଳ ଆମ ଦେଶରେ ନୁହେଁ, ବିଦେଶରେ ମଧ୍ୟ ମୋରିଙ୍ଗା ବା ସଜନାର ଚାହିଦା ଆକାଶଛୁଆଁ। ଆମେରିକା, ୟୁରୋପ୍, ଜାପାନ ଓ ଅଷ୍ଟ୍ରେଲିଆ ଭଳି ବିକଶିତ ଦେଶରେ ଲୋକେ ନିଜକୁ ଫିଟ୍ ରଖିବା ପାଇଁ ସଜନାକୁ ଦୈନନ୍ଦିନ ଜୀବନରେ ସାମିଲ କରୁଛନ୍ତି। ଆମ ଦେଶରେ ସଜନା ଛୁଇଁକୁ ବେସର କିମ୍ବା ସାମ୍ବରରେ ପକାଇ ଖାଉଥିବା ବେଳେ ବିଦେଶରେ ଏହାର ବ୍ୟବହାର ଅତି ଆଧୁନିକ ଓ ଭିନ୍ନ ଶୈଳୀରେ କରାଯାଉଛି। ବିଦେଶରେ ସକାଳର ବ୍ରେକ୍‌ଫାଷ୍ଟ୍‌ରେ ସଜନା ପତ୍ରର ଗୁଣ୍ଡକୁ ବିଭିନ୍ନ ଫଳରସ କିମ୍ବା ଓଟ୍‌ସ୍ ସହ ମିଶାଇ ଗ୍ରିନ୍ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଏହାଛଡ଼ା, ଓଜନ କମାଇବା ତଥା ମେଟାବଲିଜିମ୍ ବୃଦ୍ଧିଲାଗି 'ମୋରିଙ୍ଗା ଟି'ର ପ୍ରଚଳନ ଖୁବ୍ ବେଶି। ୟୁରୋପୀୟ ରେସ୍ତୋରାଁଗୁଡ଼ିକରେ ସଜନା ଛୁଇଁର ଭିତର ନରମ ଅଂଶକୁ ବାହାର କରି କ୍ରିମ୍, ରସୁଣ, ଗୋଲମରିଚ ଓ ଅଲିଭ୍ ଅଏଲ୍ ସହ ତାକୁ ମିଶାଇ ସୁପ୍ ପ୍ରସ୍ତୁତ କରାଯାଉଛି, ଯାହା ଖୁବ୍ ଲୋକପ୍ରିୟ। କେବଳ ଏତିକି ନୁହେଁ, ବିଦେଶରେ ପାସ୍ତା, ମ୍ୟାକ୍ରୋନି, ବ୍ରେଡ୍ ? ତଥା କୁକିଜ୍ ତିଆରି ବେଳେ ମଇଦା ସହ ସଜନା ପତ୍ରର ଶୁଖିଲା ପାଉଡର ମିଶାଇ ଏହାକୁ ଏକ ହେଲ୍‌ଦି ଗ୍ରିନ୍ ଟ୍ୱିଷ୍ଟ ଦିଆଯାଉଛି। ସେହିପରି ସାଲାଡ୍ ଡ୍ରେସିଂ ଆଜିକାଲି ଖୁବ୍ ପରିଚିତ। ସଜନା ମଞ୍ଜିରୁ ବାହାରୁଥିବା ତେଲକୁ ବିଦେଶରେ ଅତି ମୂଲ୍ୟବାନ୍ ମନେ କରାଯାଏ। ଏହାକୁ ସାଲାଡ୍ ଉପରେ ପକାଇ ଲୋକେ ଖାଇଥାନ୍ତି। ସେହିପରି ସଜନା ଡାଲି, ସଜନା ଚଟଣି, ଦୋସା, ସଜନା ରାଓ୍ୱା ଫ୍ରାଏ ଆହୁରି କେତେ କ'ଣ ଖାଦ୍ୟ ସାମଗ୍ରୀ ସଜନାରୁ ପ୍ରସ୍ତୁତ ହୋଇପାରୁଛି, ଯେଉଁଗୁଡ଼ିକ ବିଶ୍ୱ ଖାଦ୍ୟ ବଜାରରେ ବେଶ୍ ଲୋକପ୍ରିୟ।

## ପାଶ୍ଚାତ୍ୟରେ ମୋରିଙ୍ଗା

ପାଶ୍ଚାତ୍ୟରେ ମଧ୍ୟ ସଜନା ସଂପର୍କରେ ଉଲ୍ଲେଖ ରହିଛି। ୭୭ ଖ୍ରୀଷ୍ଟାବ୍ଦରେ ରୋମାନ୍ ଲେଖକ ପ୍ଲିନି ତାଙ୍କ ବିଶ୍ୱବିଖ୍ୟାତ ପୁସ୍ତକ 'ନ୍ୟାଚୁରାଲିସ୍ ହିଷ୍ଟୋରିଆ'ରେ ସଜନା ମଞ୍ଜିର ତେଲରୁ ଅତି ମୂଲ୍ୟବାନ୍ ଅତର ପ୍ରସ୍ତୁତ କରାଯିବା କଥା କହିଛନ୍ତି। ସେହିପରି ଲୋଏଲ୍ ? ଫୁଗ୍ଲିଙ୍କ ଲିଖିତ 'ଦ ମିରାକଲ୍ ଟ୍ରି: ମୋରିଙ୍ଗା ଓଲେଇଫେରା' ପୁସ୍ତକ ଅନୁସାରେ, ସଜନା ଆମ ପୃଥିବୀରୁ କୁପୋଷଣ ଦୂର କରିପାରିବ। ସେହିପରି ପ୍ରସିଦ୍ଧ ଗବେଷକ ଡାକ୍ତର ହାଓ୍ୱାର୍ଡ ଫିସରଙ୍କ 'ମୋରିଙ୍ଗା: ନେଚର୍ସ ଗୋଲ୍ଡ' ବହିରେ ସଜନାକୁ ପୃଥିବୀର ସବୁଠାରୁ ଶକ୍ତିଶାଳୀ ସୁପରଫୁଡ୍ ଭାବେ ବର୍ଣ୍ଣନା କରାଯାଇଛି।

## ସ୍ୱାସ୍ଥ୍ୟ ପାଇଁ ଅମୃତ

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ସଜନା ଗଛର ଛୁଇଁ,



ପତ୍ର ଓ ଫୁଲ ସବୁଥିରେ ଭରପୂର ମାତ୍ରାରେ ଭିଟାମିନ୍, ମିନେରାଲ୍‌ସ ଓ ଆଣ୍ଟି-ଅକ୍ସିଡାଣ୍ଟ୍ ରହିଛି। ଗବେଷଣାରୁ ଜଣାପଡ଼ିଛି ଯେ, କମଳା ତୁଳନାରେ ଏଥିରେ ୭ ଗୁଣ ଅଧିକ ଭିଟାମିନ୍ 'ସି' ଥାଏ। ସେହିପରି କ୍ଷୀର ତୁଳନାରେ ୪ ଗୁଣ ଅଧିକ କ୍ୟାଲସିୟମ୍ ଓ ଦୁଇଗୁଣ ଅଧିକ ପ୍ରୋଟିନ୍ ମିଳିଥାଏ ଏବଂ କଦଳୀ ତୁଳନାରେ ଏଥିରେ ୩ ଗୁଣ ଅଧିକ ପଟାସିୟମ୍ ତଥା ଶାଗ ତୁଳନାରେ ୩ ଗୁଣ ଅଧିକ ଆଇରନ୍ ରହିଛି। ତେଣୁ ଏହା ମଧୁମେହ, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରଲ୍ ଓ ଥାଇରଏଡ୍ ନିୟନ୍ତ୍ରଣ କରିବା ସହ ହାଡ଼କୁ ମଜଭୁତ କରେ ଓ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇଥାଏ।

**ଦାଦନଙ୍କ ଗାଁ ସାଲର**

# ଶହେ ଟଙ୍କା ପାଇଁ ଦିନରାତି ଖଳି ସିଅଁନ୍ତି ମହିଳା



*ଅନ୍ୟ କୌଣସି କାମ ମିଳୁନଥିବାରୁ ଗାଁର ପ୍ରାୟ ସବୁ ମହିଳା ଜଙ୍ଗଲରୁ ଶାଳପତ୍ର ତୋଳି ଖଳି ତିଆରି କରନ୍ତି। ଦିନଯାକ ପରିଶ୍ରମ କରି ୨୦୦-୩୦୦ ଖଳି, ଚଉପତି ସିଇଁଲେ ଶହେ ଟଙ୍କା ବି ମିଳେନି।*

**ଅନୁଗୋଳ :** ଗାଁ ଭିତରକୁ ପଶିବା ମାତ୍ରେ ନଜର ପଡ଼ିବ ଦାଣ୍ଡରେ ଖେଳୁଥିବା କୁନିକୁନି ପିଲାଙ୍କ ଉପରେ। ଆଉ ପ୍ରତି ଘର ବାରଣ୍ଡାରେ ବସି ମହିଳାମାନେ ଶାଳପତ୍ରରେ ଖଳି ସିଉଁଥିବେ। ଦୁଇ ଚାରିଜଣଙ୍କୁ ଛାଡ଼ିଦେଲେ ଗାଁରେ ପୁରୁଷ ଦେଖିବାକୁ ମିଳନ୍ତି ନାହିଁ। କାରଣ, ଗାଁର ପ୍ରାୟ ସବୁ ପୁରୁଷ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର 'ସାଲର' ପାଲଟିଯାଇଛି ଦାଦନଙ୍କ ଗାଁ।

ଅନୁଗୋଳ ବ୍ଲକ୍ ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ପଞ୍ଚାୟତର ସାଲର ଗାଁ। ପ୍ରାୟ ୫୦ ପରିବାର ରୁହନ୍ତି ଏ ବଣପାହାଡ଼ଘେରା ଗାଁରେ। ପୂର୍ବରୁ ଗାଁ ଲୋକେ ଚାଷବାସ ଓ ମୂଲମଜୁରି କରି ପରିବାର ଚଳାଉଥିଲେ। ହେଲେ, ବନ୍ୟଜନ୍ତୁଙ୍କ ଉପଦ୍ରବ ପାଇଁ ଗାଁରେ ଚାଷ ବନ୍ଦ ହୋଇଗଲା। ସରକାରୀ ଓ ଜଙ୍ଗଲ କାମ ମିଳିବା ବି କମିଗଲା। ରୋଜଗାରର ଅନ୍ୟପନ୍ଥା ନଥିବାରୁ ଗାଁର ପ୍ରତିଘରୁ ଜଣେ କିମ୍ବା ୨ ଜଣ ଦାଦନ ଖଟିବାକୁ ଯାଉଛନ୍ତି। ଗାଁର ଏବେ ପ୍ରାୟ ୬୦ରୁ ଅଧିକ ଲୋକ, କିଏ ଆନ୍ଧ୍ରପ୍ରଦେଶର ଢାବାରେ କାମ କରୁଛି ତ', ଆଉ କିଏ ସୁରତର ସୂତା ମିଲ୍, ନ ହେଲେ ମୁମ୍ବାଇରେ ନିର୍ମାଣ ଶ୍ରମିକ ଭାବେ କାମ କରୁଛି। ସାଲର ଗାଁର ଜଣେ ଲୋକ କହିଛନ୍ତି, ଖଣିଖାଦାନ, ଶିଳ୍ପ ଓ କଳକାରଖାନାରେ ଆମ ଜିଲ୍ଲା ସମୃଦ୍ଧ। କିନ୍ତୁ, ଏଠି ଆମମାନଙ୍କୁ କାମ ମିଳେନି। ତେଣୁ, ମାସିକ ମାତ୍ର ୧୦-୧୨ ହଜାର ଟଙ୍କା ପାଇଁ ବାଧ୍ୟ ହୋଇ ବର୍ଷତମାମ ବାହାର ରାଜ୍ୟରେ ଦାଦନ ଖଟୁଛୁ। ଗାଁର ଜଣେ ମହିଳା କହିଛନ୍ତି, ଅନ୍ୟ କୌଣସି କାମ ମିଳୁନଥିବାରୁ ଗାଁର ପ୍ରାୟ ସବୁ ମହିଳା ଜଙ୍ଗଲରୁ ଶାଳପତ୍ର ତୋଳି ଖଳି ତିଆରି କରନ୍ତି। ଦିନଯାକ ପରିଶ୍ରମ କରି ୨୦୦-୩୦୦ ଖଳି, ଚଉପତି ସିଇଁଲେ ଶହେ ଟଙ୍କା ବି ମିଳେନି।

ସାଲର ଗାଁ ଯେ କେବଳ ଦାଦନ ଯନ୍ତ୍ରଣାରେ ଜର୍ଜରିତ ତାହା ନୁହେଁ, ଏ ଗାଁ ବହୁ ସରକାରୀ ସୁବିଧାସୁଯୋଗରୁ ବଞ୍ଚିତ। କେବେ ବିଜୁଳି ଆଲୁଅ ଦେଖିନଥିବା ଏ ଗାଁରେ ବଣ୍ୟପ୍ରାଣୀଙ୍କ ଭୟରେ ସଞ୍ଜ ହେଲେ ଘରେ ତାଟିକବାଟ ପଡ଼େ। ଗାଁରେ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲ ତ' ଦୂରର କଥା ଅଙ୍ଗନବାଡ଼ିଟିଏ ନାହିଁ। ପ୍ରାୟ ୧୦ କିଲୋମିଟର ଦୂର ଛୋଟକେଇରେ ହଷ୍ଟେଲରେ ରହି ପଢ଼ିବା ସବୁ ପିଲାଙ୍କ ଭାଗ୍ୟରେ ଜୁଟୁନାହିଁ। ଗାଁରେ ମାଗଣା ଚାଉଳ ତ' ମିଳେ, ହେଲେ ରୋଷେଇ କରିବାକୁ ଭଲ ପାଣି ମୁନ୍ଦେ ମିଳେନି। ବର୍ଷେ ହେଲା ଗାଁରେ ପାଇପ୍ ବିଛାଯାଇଛି, ଟ୍ୟାପ୍ ଲାଗିଛି, କିନ୍ତୁ ପାଣି ଆସୁନି। ସୌରଶକ୍ତି ଚାଳିତ ଏକମାତ୍ର କୂଅଟି ବର୍ଷାଦିନେ ଅଚଳ ହୋଇଯାଏ। ନାଳରେ ଚୁଆ ଖୋଳି ପାଣି ପିଇବାକୁ ସାଲର ଗାଁ ଲୋକେ ବାଧ୍ୟ ହୁଅନ୍ତି। ଗାଁର ପଦ୍ମିନୀ ବର୍ଗିଆ କହିଛନ୍ତି, 'ଭୋଟ୍ ବେଳେ ନେତାଏ ଆସନ୍ତି, ସବୁ କରିଦେବୁ ବୋଲି ପ୍ରତିଶ୍ରୁତି ଦିଅନ୍ତି। ହେଲେ ଭୋଟ୍ ସରିଗଲା ପରେ କିନ୍ତୁ ଆଉ କେହି ଦେଖା ଦିଅନ୍ତିନି।' ଏନେଇ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା କହିଛନ୍ତି, ସାଲର ଗାଁ ଲୋକଙ୍କୁ ଦାଦନ ଯିବାରୁ ରୋକିବା ପାଇଁ ଜିଲ୍ଲା ଭିତରେ ସେମାନଙ୍କ ପାଇଁ କର୍ମସଂସ୍ଥାନ ବ୍ୟବସ୍ଥା କରାଯିବ। ସେହିପରି ଖୁବଶୀଘ୍ର ଗାଁରେ ପିଇବା ପାଣି ପହଞ୍ଚାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏମିତିକି ସାଲର ଗାଁରେ ମିନି ଅଙ୍ଗନବାଡ଼ି ଖୋଲିବା ନେଇ ରାଜ୍ୟ ସରକାରଙ୍କୁ ସୁପାରିସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଜିଲାପାଳ ।

# ଚନ୍ଦାପଣ ଦେଖି ମହିଳା କଲେ ମନା
# ଟଙ୍କା ଫେରସ୍ତ ମାଗିଲେ ପୁରୁଷ

**ପ୍ରଥମ ଡେଟ୍‌ରେ ଖର୍ଚ୍ଚ ହେଲା ଲକ୍ଷେ ଟଙ୍କା**

ଦାମୀ ଡେଟିଂ, ପ୍ରଥମ ଡେଟ୍ ରେ ଖର୍ଚ୍ଚ କରିଥିଲେ ଏକ ଲକ୍ଷ ଟଙ୍କା। ପରେ ପୁରୁଷ ମାଗିଲେ ଫେରସ୍ତ ଟଙ୍କା । ମହିଳା କହିଲେ କିଛି ଏମିତି, ଯାହା ଶୁଣିଲେ ଆପଣବି ହୋଇଯିବେ ଆଶ୍ଚର୍ଯ୍ୟ । ହଁ ଆଜ୍ଞା, ଆପଣ କଣ କେବେ କାହା ସହିତ ଡେଟରେ ଯାଇଛନ୍ତି। ଆଉ ଯଦି ହଁ ତେବେ କେତେ ଟଙ୍କା ପ୍ରଥମ ଡେଟରେ ଖର୍ଚ୍ଚ କରିଛିନ୍ତି। ପାଞ୍ଚହଜାର ନା ଦଶହଜାର, ନା ପଚାଶ ହଜାର । ଆପଣ କଣ କେବେ ଶୁଣିଛନ୍ତି ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିବାଟା। କଥାଟା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେବି କିନ୍ତୁ ସତ, ତେବେ ଡେଟରୁ ଫେରି ମହିଳା ବିବାହ ପାଇଁ ମନା କରିଦେଇଥିଲେ ଏହା ପରେ ପୁରୁଷ ଜଣକ ତାଙ୍କ ଟଙ୍କା ଫେରସ୍ତ ପାଇଁ କରିଛନ୍ତି। ତେବେ ଏହାକୁ ନେଇ ଏବେ ସୋସିଆଲ ମିଡିଆରେ ପୁରୁଷ ଏବଂ ମହିଳା ଉଭୟଙ୍କୁ ନେଇ ଚର୍ଚ୍ଚା ଯୋର ଧରିଛି ।

ତେବେ ପ୍ରଥମ ଡେଟରେ ଏତେ ଟଙ୍କା ଖର୍ଚ୍ଚ କରିଥିବା ଏହି ପୁରୁଷଙ୍କୁ ବିବାହ ପାଇଁ ମନାକରିଥିବା ମହିଳାବି ଟିକେ ଅଜବ । ମହିଳା ଜଣଙ୍କ ପୁରୁଷଙ୍କ ଚନ୍ଦାପଣ ଯୋଗୁଁ ବିବାହ କରିବାକୁ ମନା କରିଦେଇଥିଲେ। ଏହା ପରେ, ପୁରୁଷ ଜଣକ ତାଙ୍କ ଟଙ୍କା ଫେରସ୍ତ ଦାବି କରିଥିବା ଜଣାପଡ଼ିଛି। ସୋସିଆଲ ମିଡିଆରେ ଲୋକମାନେ ପୁରୁଷ ଏବଂ ମହିଳା ଉଭୟଙ୍କ ଆଚରଣ ଉପରେ ସେମାନଙ୍କର ମତାମତ ପ୍ରକାଶ କରୁଛନ୍ତି। ପ୍ରଥମ ଡେଟ୍ ସ୍ମରଣୀୟ କରିବା ପାଇଁ, କେତେକ ମହିଳାଙ୍କୁ ଏକ ମହଙ୍ଗା ରେଷ୍ଟୁରାଣ୍ଟକୁ ନେଇଯାଆନ୍ତି, ତ ଆଉ କେହି କେହିଁ ନୂଆ ନୂଆ ସପ୍ରାଇଜ୍ ପ୍ଲାନ କରନ୍ତି । କିନ୍ତୁ ଯଦି ଏତେ ସୁନ୍ଦର ଡେଟ୍ ସତ୍ତ୍ୱେ, ସମ୍ପର୍କ ଆଗକୁ ନ ବଢ଼ିଥାଏ ଏବଂ ଟଙ୍କା ଫେରସ୍ତ ଦାବି କରାଯାଏ ତେବେ କ'ଣ ହେବ ? ଏପରି ଏକ ଡେଟିଂ କାହାଣୀ ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାରେ ଅଛି। ସୂଚନା ଅନୁସାରେ ଜଣେ ପୁରୁଷ ମହିଳାଙ୍କୁ ଏକ ବିଳାସପୂର୍ଣ୍ଣ କାରରେ ଏକ ମହଙ୍ଗା ରେଷ୍ଟୁରାଣ୍ଟକୁ ନେଇଗଲେ, ଆଉ ସେଠାରେ ମହିଳାଙ୍କ ସବୁପସନ୍ଦର ବ୍ୟବସ୍ଥା କରାଯାଇଥିଲା। ତଥାପି, ପରଦିନ, ମହିଳା ଜଣକ ତାଙ୍କୁ କେବଳ ବନ୍ଧୁ ରହିବାକୁ ଅନୁରୋଧ କରି ଏକ ମେସେଜ୍ ପଠାଇଥିଲେ । ଏହା ପରେ, ପୁରୁଷ ଜଣକ ତାଙ୍କ ଟଙ୍କା ଫେରସ୍ତ ଦାବି କରିଥିବା ଜଣାପଡ଼ିଛି।



ମହିଳା କହିଛନ୍ତି ଯେ ପରଦିନ ସେ ପୁରୁଷଙ୍କୁ ମେସେଜ କରିଥିଲେ । ସେ କହିଥିଲେ ଯେ ସନ୍ଧ୍ୟା ଭଲ ଥିଲା, କିନ୍ତୁ ସେ ଭାବି ନଥିଲେ ଯେ ସେମାନେ ଦୀର୍ଘ ସମୟ ପାଇଁ ଏକାଠି । ତେଣୁ, ସମ୍ପର୍କ ସ୍ଥାପନ କରିବା ପରିବର୍ତ୍ତେ, ସେ ବନ୍ଧୁ ରହିବାକୁ ପରାମର୍ଶ ଦେଇଥିଲେ । ଯେତେବେଳେ ପୁରୁଷ ଜଣକ କାରଣ ପଚାରିଲେ, ସେ କହିଛନ୍ତି ଯେ ତାଙ୍କୁ ତାଙ୍କର ଚନ୍ଦା ଲୋକ ପସନ୍ଦ ନୁହଁନ୍ତି । ମହିଳା ଜଣକ କଥାବାର୍ତ୍ତାର ଏକ ସ୍କ୍ରିନସଟ୍ ସେୟାର କରି ବୁଝାଇଛନ୍ତି ଯେ ପୁରୁଷ ଜଣକ ଡେଟ୍ ପାଇଁ ଖର୍ଚ୍ଚ କରିଥିବା ୧୧,୦୫୦ ଫେରସ୍ତ ଦାବି କରିଥିଲେ। ସେ ଘଟଣା ଉପରେ ବ୍ୟଙ୍ଗାତ୍ମକ ଭାବରେ ମନ୍ତବ୍ୟ ଦେଇ ଲେଖିଛନ୍ତି, 'ସୌଜନ୍ୟତା ଏବେ ଶେଷ।' ଏହି ପୋଷ୍ଟ ପ୍ରକାଶ ପାଇବା ପରେ, ୟୁଜର୍ସ ବିଭିନ୍ନ ମତ ପ୍ରକାଶ କରିଛନ୍ତି । କେତେକ କହିଥିଲେ ଯେ ଡେଟ୍ ପାଇଁ ଖର୍ଚ୍ଚ କରିବା ପୁରୁଷଙ୍କ ନିଜସ୍ୱ ନିଷ୍ପତ୍ତି । କାହା ସହିତ ସମ୍ପର୍କ ରଖିବା କି ନାହିଁ ତାହା ମହିଳାଙ୍କ ପସନ୍ଦ, ତେଣୁ ଫେରସ୍ତ ଦାବି କରିବା ଅନୁପଯୁକ୍ତ । ଏହି ସମୟରେ, କିଛି ବ୍ୟବହାରକାରୀ ମହିଳାଙ୍କ ମନୋଭାବ ଉପରେ ପ୍ରଶ୍ନ ଉଠାଇଥିଲେ ।

**ଲିକର୍ କିଙ୍ଗ**



ନିଜର ମାଇଣ୍ଡସେଟ୍, ଜିଦି ଓ ଦୃଢ ଇଚ୍ଛାଶକ୍ତି ଯୋଗୁ ଆଜି ତାଙ୍କୁ କୋଟି କୋଟି ଟଙ୍କାର ମାଲିକ କରିବା ସହିତ 'ଲିକର୍ କିଙ୍ଗ୍'ର ପରିଚୟ ଦେଇଛି । ଆସନ୍ତୁ ଦେଶର ସେହି ମାରଓ୍ୱାଡ଼ି ଲିକର୍ କିଙ୍ଗଙ୍କ ବିଷୟରେ ଜାଣିବା ଯିଏ କ୍ଷତିରେ ଚାଲିଥିବା ଛୋଟ ପ୍ଲାଣ୍ଟରୁ ଆରମ୍ଭ କରି ଆଜି ହଜାର ହଜାର କୋଟି ଟଙ୍କାର ବିଶାଳ ବ୍ୟବସାୟିକ ସାମ୍ରାଜ୍ୟ ଛିଡ଼ା କରାଇଛନ୍ତି।

ନାଁ ତାଙ୍କର ଲଳିତ ଖୈତାନ୍ ,ଦୁନିଆ ଡାକେ ଲିକର୍ କିଙ୍ଗ୍। ସବୁଠାରୁ ମଜାଦାର କଥା ହେଉଛି, ନିଜେ ମଦଠାରୁ ଦୂରରେ ରହୁଥିବା ଜଣେ ମାରଓ୍ୱାଡ଼ି ବ୍ୟବସାୟୀ ଆଜି ଭାରତର ମଦ ଶିଳ୍ପରେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି ଏବଂ ତାଙ୍କ କମ୍ପାନି 'ରାଡିକୋ ଖୈତାନ୍' ଆଜି ୬୦,୦୦୦ କୋଟିରୁ ଅଧିକ ଟଙ୍କାର ବଜାର ମୂଲ୍ୟ ହାସଲ କରିଛି। ଘଟଣାର ଆରମ୍ଭ ହୋଇଥିଲା ୧୯୭୨ ମସିହାରୁ । ଲଳିତ ଖୈତାନଙ୍କ ବାପା ଉତ୍ତର ପ୍ରଦେଶର ରାମପୁରରେ ଥିବା ଏକ କ୍ଷତି ସହିଥିବା ଡିଷ୍ଟିଲରୀ ପ୍ଲାଣ୍ଟକୁ ମାତ୍ର ୧୬ ଲକ୍ଷ ଟଙ୍କାରେ କିଣିଥିଲେ। ସେତେବେଳେ ଏହି ପ୍ଲାଣ୍ଟଟି କେବଳ ବଡ଼ ବଡ଼ କମ୍ପାନି ପାଇଁ କଞ୍ଚାମାଲ ବା ଏକ୍ସଟ୍ରା ନ୍ୟୁଟ୍ରାଲ୍ ଆଲକୋହଲ୍ ତିଆରି କରୁଥିଲା। ଏହି କମ୍ପାନି ନିଜ ଇଚ୍ଛା ଅନୁସାରେ ଦର ଧାର୍ଯ୍ୟ କରୁଥିଲେ ଯାହାଫଳରେ ଖୈତାନ୍ ପରିବାରକୁ ନାମମାତ୍ର ଲାଭ ମିଳୁଥିଲା। ୧୯୯୬ ରେ ଲଳିତ ବୁଝିପାରିଥିଲେ ଯେ ଅନ୍ୟ ପାଇଁ ଚୁକ୍ତିଭିତ୍ତିକ ଉତ୍ପାଦନ କରିବା ବଦଳରେ ନିଜର ବ୍ରାଣ୍ଡ୍ ନ ରହିଲେ ବ୍ୟବସାୟ ଆଗକୁ ବଢ଼ିପାରିବ ନାହିଁ। ସେ ଅନ୍ୟ କମ୍ପାନିର ଅର୍ଡର ପାଇଁ ନିର୍ଭର ନକରି ନିଜର ନୂଆ ପରିଚୟ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଲେ ଏବଂ ନାଁ ବଦଳାଇ 'ରାଡିକୋ ଖୈତାନ୍' ରଖିଲେ ଏବଂ ନିଜ ପୁଅ ଅଭିଷେକ ଖୈତାନ୍‌ଙ୍କ ସହ ମିଶି ବ୍ୟବସାୟକୁ ଏକ ନୂଆ ମୋଡ଼ ଦେଲେ।






# ଅକ୍ଟୋବର ୨୩ରେ ମୁକ୍ତିଲାଭ କରିବ ହିନ୍ଦୀ ଚଳଚ୍ଚିତ୍ର 'ଲୋହିତାକ୍ଷ'



**ଭୁବନେଶ୍ୱର:** ଓଡ଼ିଶା ନିଶବ୍ଦ: ଓଡ଼ିଆ ସିନେଜଗତ ପାଇଁ ଆଉ ଏକ ଗର୍ବର ଅଧ୍ୟାୟ। ଗଣ ବିକାଶ ଫିଲ୍ମସ ବ୍ୟାନରରେ ନିର୍ମିତ ବହୁପ୍ରତୀକ୍ଷିତ ହିନ୍ଦୀ ଚଳଚ୍ଚିତ୍ର 'ଲୋହିତାକ୍ଷ' ଅକ୍ଟୋବର ୨୩ ତାରିଖରେ ସାରା ଭାରତରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ଚଳଚ୍ଚିତ୍ର ମାଧ୍ୟମରେ ଓଲିଉଡର ଜଣାଶୁଣା ଅଭିନେତା ତଥା ପ୍ରଯୋଜକ ଭୂପିନ୍ଦର ପ୍ରଥମଥର ପାଇଁ ବଲିଉଡରେ ନିର୍ଦ୍ଦେଶକ ଭାବେ ପାଦ ଥାପିଛନ୍ତି। ଏହି ଫିଲ୍ମର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏହାର ସମ୍ପୂର୍ଣ୍ଣ ସୁଟିଂ ଓଡ଼ିଶା ମାଟିରେ ହୋଇଛି। ଚଳଚ୍ଚିତ୍ରର ମୁକ୍ତିଲାଭକୁ ନେଇ ଓଡ଼ିଶାରେ ମଧ୍ୟ ଉତ୍ସାହ ଦେଖିବାକୁ ମିଳିଛି। ଅକ୍ଟୋବର ୨୩ ଅପରାହ୍ନ ୩ଟା ୩୦ ମିନିଟରେ ସିନେପଲିସଠାରେ ଏହାର ଗ୍ରାଣ୍ଡ ପ୍ରିମିୟର ଆୟୋଜନ ହେବାକୁ ଯାଉଛି। ଏହି ଅବସରରେ ଚଳଚ୍ଚିତ୍ରର ସମସ୍ତ କଳାକାର ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

## ସତ୍ୟ ଘଟଣା ଓ ମର୍ଡର ମିଷ୍ଟ୍ରିକୁ ନେଇ ରୋଚକ କାହାଣୀ

'ଲୋହିତାକ୍ଷ' ଏକ ସତ୍ୟ ଘଟଣା ଏବଂ ରହସ୍ୟଜନକ ହତ୍ୟାକାଣ୍ଡକୁ ଆଧାର କରି ନିର୍ମିତ ଚଳଚ୍ଚିତ୍ର। କଟକର ପୃଷ୍ଠଭୂମିରେ ଗଢ଼ି ଉଠିଥିବା ଏହି କାହାଣୀ ଦର୍ଶକଙ୍କୁ ଏକ ନୂଆ ସିନେମା ଅନୁଭୂତି ଦେବ ବୋଲି ଆଶା କରାଯାଉଛି। ଓଡ଼ିଶାର ଲୋକେସନ୍, କଳାକାର ଓ ଚଳଚ୍ଚିତ୍ର ନିର୍ମାଣ ସହ ଜଡ଼ିତ ପ୍ରତିଭାଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇବାରେ ଏହି ଫିଲ୍ମ ଏକ ନୂଆ ମାଧ୍ୟମ ହୋଇପାରେ।

ଆଙ୍କରିଂରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ଭୂପିନ୍ଦର 'ଶୁଭ ବିବାହ' ଓ 'ଜଗୁ ଅଟୋ ବାଲା' ଭଳି ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା କରି ଦର୍ଶକଙ୍କ ନିକଟରେ ପରିଚିତି ହାସଲ କରିଛନ୍ତି। ଏବେ 'ଲୋହିତାକ୍ଷ' ମାଧ୍ୟମରେ ସେ ନିର୍ଦ୍ଦେଶନା କ୍ଷେତ୍ରରେ ନୂଆ ଯାତ୍ରା ଆରମ୍ଭ କରିଛନ୍ତି। ବଲିଉଡ୍ର ଅଭିଜ୍ଞ କଳାକାରଙ୍କ ସହ ଓଡ଼ିଆ ପ୍ରତିଭାଙ୍କୁ ଏକାଠି କରିବା ଏହି ଚଳଚ୍ଚିତ୍ରର ଅନ୍ୟତମ ଆକର୍ଷଣ।

## ବଲିଉଡ୍ ଓ ଓଲିଉଡ୍ କଳାକାରଙ୍କ ଅପୂର୍ବ ସମନ୍ୱୟ

ଚଳଚ୍ଚିତ୍ରରେ ବଲିଉଡର ବରିଷ୍ଠ ଅଭିନେତା ପୁନୀତ ଇଶାରଙ୍କ ପୁତ୍ର ସିଦ୍ଧାନ୍ତ ଇଶାର ଅଭିନୟ ଜଗତରେ ପାଦ ଥାପିଛନ୍ତି। ଏଥିସହ ଅଭିନେତ୍ରୀ ଅପସରା, କମଲେଶ ସାୱନ୍ତ ଓ ସୁକୁମାର ଟୁଡୁ ପ୍ରମୁଖ ଅଭିନୟ କରିଛନ୍ତି। ଅନ୍ୟପଟେ ଓଲିଉଡର ଲୋକପ୍ରିୟ କଳାକାର ବବି ମିଶ୍ର, ଭୂପିନ୍ଦର, ଗୌରବ ମହାନ୍ତି, ଦୀପେଶ, ଜୀବନ ପଣ୍ଡା, ମୋହନ ମଜିଠିଆ, ସୁଶାନ୍ତ ଦାସ ମହାପାତ୍ର, ଦୀପାଳି, ଶ୍ରୁତି ଶୁଭଶ୍ରୀ ଓ ସୁମନ ମହାରଣା ପ୍ରମୁଖ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

## ଚଳଚ୍ଚିତ୍ର ପଛରେ ରହିଛି ଓଡ଼ିଆ ପ୍ରତିଭାଙ୍କ ଅବଦାନ

'ଲୋହିତାକ୍ଷ'ର କାହାଣୀ ଲେଖିଛନ୍ତି ଦୀପାଳି ଦେବସ୍ମିତା ଦାଶ। ଚିତ୍ରନାଟ୍ୟ, ପ୍ରଯୋଜନା ଓ ନିର୍ଦ୍ଦେଶନାର ଦାୟିତ୍ୱ ତୁଲାଇଛନ୍ତି ଭୂପିନ୍ଦର। ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ। ଚିତ୍ରତ୍ତୋଳନ ଦାୟିତ୍ୱରେ ସାରଦା କୃଷ୍ଣ ସାହୁ ରହିଥିବା ବେଳେ ସମ୍ପାଦନା କରିଛନ୍ତି ମାନସ କୁମାର ସାହୁ। ସ୍ୱର୍ଗତ ଅଭିଜିତ ମଜୁମଦାର ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଥିମ୍ ଗୀତର ସଂଯୋଜନା କରିଛନ୍ତି ଅଭିଜିତ ତ୍ରିପାଠୀ। ସଙ୍ଗୀତ କ୍ଷେତ୍ରରେ ନବ୍ୱ ଓ ସରୋଜ ସହଯୋଗ କରିଛନ୍ତି। କାର୍ଯ୍ୟକାରୀ ପ୍ରଯୋଜକ ଭାବେ ସଞ୍ଜୟ ମହାକୁଡ଼ ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଚାର-ପ୍ରସାର ଓ ମିଡିଆ ପାର୍ଟନର ଭାବେ ମୁକେଶ ରାମ ଦାୟିତ୍ୱ ସମ୍ଭାଳିଛନ୍ତି।

## ଓଡ଼ିଶାର ସିନେମା ଜଗତ ପାଇଁ ନୂଆ ଆଶା

ଏକ ସତ୍ୟ ଘଟଣାକୁ ଆଧାର କରି ନିର୍ମିତ 'ଲୋହିତାକ୍ଷ' କେବଳ ଏକ ରହସ୍ୟମୟ ଚଳଚ୍ଚିତ୍ର ନୁହେଁ, ବରଂ ଓଡ଼ିଶାର କଳାକାର ଓ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଜଡ଼ିତ ପ୍ରତିଭାଙ୍କୁ ଜାତୀୟ ସ୍ତରରେ ଆଗକୁ ନେବାର ଏକ ପ୍ରୟାସ। ଓଡ଼ିଶାର ମାଟିରେ ସମ୍ପୂର୍ଣ୍ଣ ସୁଟିଂ ହୋଇଥିବା ଏହି ହିନ୍ଦୀ ଚଳଚ୍ଚିତ୍ର ଦର୍ଶକଙ୍କ ମନ ଜିଣିବା ସହ ଓଡ଼ିଶାର ସିନେମା ଶିଳ୍ପକୁ ନୂଆ ପରିଚୟ ଦେବ ବୋଲି ଆଶା ରହିଛି। ଅକ୍ଟୋବର ୨୩ରେ ସାରା ଭାରତରେ ମୁକ୍ତିଲାଭ କରିବାକୁ ଥିବା 'ଲୋହିତାକ୍ଷ'କୁ ନେଇ ଏବେ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି।

# ଓଡ଼ିଆ ଝିଅ ରିତିକା ନାୟକଙ୍କ ତେଲୁଗୁ ସିନେମାରେ ଦମ୍ଦାର ଯାତ୍ରା

### ଦିଲ୍ଲୀରୁ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତ, ପ୍ରତିଭା ଓ ଆତ୍ମବିଶ୍ୱାସ ବଳରେ ଗଢ଼ିଲେ ନିଜର ପରିଚୟ

ଓଡ଼ିଶା ନିଶବ୍ଦ। ମନୋରଞ୍ଜନ



ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତରେ ନିଜ ଅଭିନୟ ଓ ପ୍ରତିଭା ବଳରେ ଧୀରେ ଧୀରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛନ୍ତି ଓଡ଼ିଆ ମୂଳର ଅଭିନେତ୍ରୀ ରିତିକା ନାୟକ। ଦିଲ୍ଲୀର ଏକ ଓଡ଼ିଆ ପରିବାରରେ ଜନ୍ମିତ ରିତିକାଙ୍କ ସଫଳତାର ଯାତ୍ରା ଆଜି ଅନେକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ନିଜର ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ନିରନ୍ତର ପରିଶ୍ରମ ଦ୍ୱାରା ସେ ମନୋରଞ୍ଜନ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଗଢ଼ିବାରେ ଲାଗିଛନ୍ତି।

## ମଡେଲିଂରୁ ଆରମ୍ଭ, ଅଭିନୟରେ ନୂଆ ପରିଚୟ

ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରିଥିବା ରିତିକା ୨୦୧୯ ମସିହାରେ ମଡେଲିଂ ଜଗତରେ ପାଦ ଥାପିଥିଲେ। ଏହି ସମୟରେ ସେ 'ଦିଲ୍ଲୀ ଟାଇମ୍ସ ଫ୍ରେସ୍ ଫେସ୍ ସିଜନ୍ ୧୨'ର ବିଜେତା ହୋଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଏହି ସଫଳତା ତାଙ୍କ ପାଇଁ ଅଭିନୟ ଜଗତର ଦ୍ୱାର ଖୋଲିଥିଲା। ୨୦୨୨ ମସିହାରେ ତେଲୁଗୁ ଚଳଚ୍ଚିତ୍ର 'ଅଶୋକ ବନମଲୋ ଅର୍ଜୁନ କଲ୍ୟାଣମ୍' ଜରିଆରେ ସେ ସିନେମା ଜଗତରେ ପଦାର୍ପଣ କରିଥିଲେ। ନିଜର ଅଭିନୟ ଦକ୍ଷତା ପାଇଁ ସେ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ବର୍ଗରେ SIIMA ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଏହା ତାଙ୍କ କ୍ୟାରିୟରକୁ ନୂଆ ଦିଗ ଦେବା ସହ ଦର୍ଶକଙ୍କ ମଧ୍ୟରେ ପରିଚିତି ବଢ଼ାଇଥିଲା।

## 'ମିରାଇ'ରେ ଅଭିନୟ, ବଢ଼ିଲା ଲୋକପ୍ରିୟତା

୨୦୨୫ ମସିହାରେ ଅଭିନେତା ତେଜା ସଜ୍ଜାଙ୍କ ସହ ଫ୍ୟାଣ୍ଟାସି ଆକ୍ସନ୍ ଚଳଚ୍ଚିତ୍ର 'ମିରାଇ'ରେ 'ବିଭା' ଭୂମିକାରେ ନଜର ଆସିଥିଲେ ରିତିକା। ଏହି ଚଳଚ୍ଚିତ୍ରକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଚଳଚ୍ଚିତ୍ରଟିର ନିର୍ମାଣ ବ୍ୟୟ ପ୍ରାୟ ୧୫୦ କୋଟି ଟଙ୍କା ଥିବା ଏବଂ ମୁକ୍ତିଲାଭ ପରେ ଏହା ଭଲ ବ୍ୟବସାୟ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଚଳଚ୍ଚିତ୍ର ରିତିକାଙ୍କ ଅଭିନୟ ଯାତ୍ରାରେ ଆଉ ଏକ ଉଲ୍ଲେଖନୀୟ ଅଧ୍ୟାୟ ଯୋଡ଼ିଥିଲା।



## ଉପହାସକୁ କଲେ ସଫଳତାର ସିଢ଼ି

ରିତିକାଙ୍କ ସଫଳତା ପଛରେ ରହିଛି ସଂଘର୍ଷ ଓ ନିଜକୁ ପ୍ରମାଣିତ କରିବାର ଦୃଢ଼ ସଂକଳ୍ପ। ସ୍କୁଲ୍ ଜୀବନରେ ଇଂରାଜୀ ଭାଷାକୁ ନେଇ ଉପହାସର ଶିକାର ହୋଇଥିବା ସତ୍ତ୍ୱେ ସେ ହାର ମାନି ନଥିଲେ। ବରଂ ଏହାକୁ ନିଜର ଦୁର୍ବଳତା ଦୂର କରିବାର ପ୍ରେରଣା ଭାବେ ଗ୍ରହଣ କରିଥିଲେ। ନିଜର ଯୋଗାଯୋଗ ଦକ୍ଷତା ବଢ଼ାଇବା ସହ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିଥିଲେ। ତାଙ୍କ ଜୀବନଯାତ୍ରା ପ୍ରମାଣ କରୁଛି ଯେ ଆରମ୍ଭରେ ଆସୁଥିବା ବାଧାବିଘ୍ନ କାହାରି ସ୍ୱପ୍ନକୁ ଅଟକାଇ ପାରେ ନାହିଁ। ଦୃଢ଼ ମନୋବଳ, ଅଧ୍ୟବସାୟ ଓ ନିଜ ଉପରେ ବିଶ୍ୱାସ ଥିଲେ ସଫଳତାର ରାସ୍ତା ନିଶ୍ଚିତ ଭାବେ ଖୋଲିଥାଏ।

## ଓଡ଼ିଆ ପରିଚୟ, ଗର୍ବର ବିଷୟ

ଦିଲ୍ଲୀରୁ ତେଲୁଗୁ ଚଳଚ୍ଚିତ୍ର ଜଗତ ପର୍ଯ୍ୟନ୍ତ ରିତିକା ନାୟକଙ୍କ ଯାତ୍ରା କେବଳ ଜଣେ ଅଭିନେତ୍ରୀଙ୍କ ସଫଳତାର କାହାଣୀ ନୁହେଁ, ଏହା ସ୍ୱପ୍ନ ପୂରଣ ପାଇଁ ସଂଘର୍ଷ କରୁଥିବା ପ୍ରତ୍ୟେକ ଯୁବକ ଓ ଯୁବତୀଙ୍କ ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା। ନିଜର ଓଡ଼ିଆ ମୂଳକୁ ନେଇ ତାଙ୍କ ପରିଚୟ ଓ ସିନେମା ଜଗତରେ ଅଗ୍ରଗତି ଓଡ଼ିଶାର ଦର୍ଶକଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ସୃଷ୍ଟି କରୁଛି।

ଆଗାମୀ ଦିନରେ ରିତିକା ନିଜ ଅଭିନୟ ଦକ୍ଷତା ବଳରେ ଆହୁରି ଉଚ୍ଚତା ହାସଲ କରିବେ ବୋଲି ଆଶା କରାଯାଉଛି। ତାଙ୍କର ଏହି ଯାତ୍ରା ଓଡ଼ିଆ ପ୍ରତିଭାଙ୍କ ସମ୍ଭାବନାକୁ ଜାତୀୟ ସ୍ତରରେ ପରିଚିତ କରାଇବାରେ ଏକ ଉଦାହରଣ ହୋଇ ରହିବ।




# ରଶ୍ମିଙ୍କୁ ପୁଣି 'ଡାକଶ୍ରୀ' ମୁକୁଟ

### ୪ ଥର 'ଡାକଶ୍ରୀ' ଜନ୍ମେଜୟଙ୍କ ଅକାଳ ବିୟୋଗ





**ଭୁବନେଶ୍ୱର:** ସଂଯୋଗବଶତଃ ଓଡ଼ିଶା ନିଜର ଅଗ୍ରଣୀ ଡାକଶ୍ରୀ ମୁକୁଟ ବିଜେତାଙ୍କୁ ହରାଇବା ଦିନ ହିଁ ଆଉ ଜଣେ ଡାକଶ୍ରୀଙ୍କୁ ପାଇଛି। ଭୁବନେଶ୍ୱରରେ ଜନ୍ମେଜୟ ମହାନ୍ତିଙ୍କ ପରଲୋକ ଖବର ଆସିବା ସହିତ ଲକ୍ଷ୍ନୌରୁ ରଶ୍ମିରଂଜନ ସାହୁ ପୁଣି ଥରେ ଡାକଶ୍ରୀ (ବେଷ୍ଟ୍ ଫିଜିକ୍) ବିଜେତା ହୋଇଥିବାର ସମ୍ବାଦ ଆସି ପହଞ୍ଚିଛି। ଲକ୍ଷ୍ନୌର ସାଇ (ଭାରତୀୟ କ୍ରୀଡ଼ା ପ୍ରାଧିକରଣ) ଭାରୋତ୍ତୋଳନ ହଲ୍‌ରେ ଅନୁଷ୍ଠିତ ସର୍ବଭାରତୀୟ ଡାକ କ୍ରୀଡ଼ାରେ ରଶ୍ମି ୯୦ କିଲୋଗ୍ରାମ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ହେବା ସହିତ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଡାକଶ୍ରୀ ମୁକୁଟ ଜିତିଛନ୍ତି। ଆର୍ଥିକ ସଂକଟ ଦେଇ ଗତି କରୁଥିବା ରଶ୍ମିଙ୍କ ପରିଶ୍ରମର ମୂଲ୍ୟ ଶେଷରେ ତାଙ୍କୁ ମିଳିଛି। ଦ୍ୱିତୀୟ ଥର ପାଇଁ ରଶ୍ମି ଏହି ଗୌରବ ଅର୍ଜନ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅଜୟ ମହାପାତ୍ରଙ୍କ ନେତୃତ୍ୱାଧୀନ ୫ ଜଣିଆ ଓଡ଼ିଶା ଦଳର ସମସ୍ତ ବଡିବିଲ୍ଡର ପଦକ ଜିତିବା ?ରେ ସକ୍ଷମ ହୋଇଛନ୍ତି। ରଶ୍ମିଙ୍କ ସ୍ୱର୍ଣ୍ଣ ବାଦ୍ ୫୫ କିଲୋଗ୍ରାମରେ ଏସ କ୍ରିଷ୍ଣା ରାଓ, ୬୫ କିଲୋଗ୍ରାମରେ ଭାଡି ଶ୍ରୀକାନ୍ତ, ୭୦ କିଲୋଗ୍ରାମରେ ଶଙ୍କର ପ୍ରସାଦ ଦାଶ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୦୦ କିଲୋଗ୍ରାମ ଓଜନ ବର୍ଗରେ ସ୍ୱୟଂ ସିଦ୍ଧାନ୍ତ ହରିଚନ୍ଦନ କାଂସ୍ୟ ପଦକ ହାସଲ କରିଛନ୍ତି। ସଫଳ ଖେଳାଳିମାନଙ୍କୁ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଂଜନ ମହାପାତ୍ର, ଉପେଦଷ୍ଟା ଡକ୍ଟର ହରି ପ୍ରସାଦ ପଟ୍ଟନାୟକ, ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ୪ ଥର 'ଡାକଶ୍ରୀ' ଜନ୍ମେଜୟଙ୍କ ଅକାଳ ବିୟୋଗ

ଓଡ଼ିଶା ବଡ଼ି ବିଲ୍ଡିଂ ଦୁନିଆର ଅନ୍ୟତମ ପ୍ରତିଷ୍ଠିତ ଚେହେରା ଜନ୍ମେଜୟ ମହାନ୍ତିଙ୍କର ଅକାଳ ବିୟୋଗ ଘଟିଛି। ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା। ନିଜ ଖେଳ ଦୁନିଆରେ ୪ ଥର ମର୍ଯ୍ୟାଦାଜନକ ଡାକଶ୍ରୀ ମୁକୁଟ ଜିତିଥିବା ଜନ୍ମେଜୟଙ୍କର ହୃଦ୍‌ଘାତ କାରଣରୁ ପରଲୋକ ଘଟିଥିବା ଡାକ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଦୁଇ ମାସ ତଳେ ନିଜ ମା'ଙ୍କୁ ହରାଇଥିବା ଜନ୍ମେଜୟ ବ୍ୟକ୍ତିଗତ ଜୀବନରେ ମଧ୍ୟ ବିଚ୍ଛେଦର ସମ୍ମୁଖୀନ ହୋଇ ବିଷାଦରେ ରହୁଥିଲେ। ସର୍ବଭାରତୀୟ ଡାକ କ୍ରୀଡ଼ାର ଶ୍ରେଷ୍ଠ ବଡି ବିଲ୍ଡିଂ ସମ୍ମାନ 'ଡାକଶ୍ରୀ' ପାଇବାରେ ସେ ରାଜ୍ୟର ଅଗ୍ରଣୀ ଖେଳାଳି ଥିଲେ। ଜନ୍ମେଜୟଙ୍କ ପରଲୋକ ଖବରରେ ତାଙ୍କ ବଂଧୁ, ସାଥି ଖେଳାଳି, ଡାକ ବିଭାଗର ସହକର୍ମୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶା ବଡି ବିଲ୍ଡିଂ ସଂଘ ପକ୍ଷରୁ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ମଧ୍ୟ ତାଙ୍କ ବଂଧୁ ସୌଭାଗ୍ୟ ଲେଙ୍କା, କ୍ରିକେଟର ଦୀପକ ମଙ୍ଗରାଜ, ଚେସ୍ ତାରକା ସୌମ୍ୟରଂଜନ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ